ସେଦିନର କବିତା

ମାନସିଂ

Digitized by srujanika@gmail.com

ସେ ଦିନର କବିତା

ଲେଖକ

ଡ: ମାୟାଧର ମାନସିଂହ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

ବିନୋଦବିହାରୀ ରୋଡ଼, କଟକ-୨

Digitized by srujanika@gmail.com

ପ୍ରଥମ ସସ୍କରଣ—୧୯୬୦

ମୂଲ୍ୟ—ତିନି ଟଙ୍କା

ବନ୍ଧେଇ—ତିନି ଟଙ୍କା ପଚିଶ ନୂ: ପ:

ମୁଦ୍ରାକର

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ସତ୍ୟବାଦୀ ପ୍ରେସ, କଟକ

୧୯୬୦

Digitized by srujanika@gmail.com

ମାଟିର ସତୀତ୍ୱ

ନ ଦେଉଁ ମୁଁ ସର୍କାର କର
ନେଲ ରଜା, ଜମି ଓ ଘର
ତେଣୁ ମୁଁ ଲକ୍ଷ୍ମୀଛଡ଼ା
ହେଲି, ଛୁଡ଼ ଲାଜ ଓ ଡର ।

ପ୍ରଥମରେ ଭାବଲି ମନେ
ଜଣେ ମୁଁ ତ ଲକ୍ଷ ଜନେ,
ରଜା କପାଁ ନ ଢାଏ ଛୁଡ଼
ସାମାନ୍ୟ ମୋ ଖଜଣା-କଣେ ?

ଭାବଲି ମୁଁ କହିବ ଯାଇ
ଖଜଣାରୁ କ୍ଷାନ୍ତ ପାଇଁ
ନ ହେବ କି ଭଣ୍ଡାର ତା'
ପୂର୍ଣ୍ଣ ମୋ କଣିକା ପାଇଁ ?

Digitized by srujanika@gmail.com

ରାଜା, କଥା କହିଲ କରେ ?
ଅନାଇଲା ଦୃପ୍ତ ଶିରେ,
କହିଲ ସେ ଦେବାକୁ ହେବ,
ଛାଡ଼ିବାର ନାହିଁ ବଧିରେ ।

ନିୟମ ତ ରାଜାର ହାତେ,
ଯାହା ଆମ ରକ୍ତ-ଘୂଟେ,
କହିଲେ ରେ ଶୁଣିବ କିଏ,
କହିଲେ ଯେ ମୁଣ୍ଡ ଫାଟେ !

ଘେନ ଭାର କୁଟୁମ୍ବର
କିଏ ଅଛି ମାନବ-ବର,
ପାରିବ ସେ ଚଳାଇ ଘର
ବିନା ଲୁଟେ ହେ, ନିଃସମ୍ବଳ !

ରାଜା ତାହା ବୁଝଇ ନାହିଁ,
ଦଣ୍ଡେ ତା' ଶୁଳ୍କ ପାଇଁ ।
ବୁଝେ ନାହିଁ ତା'ପର ମୋର
ସୁଖ ଦୁଖ ଅଛି ରେ ଭାଇ !

ଦେଶେ ତାର ବୋଲି କି ଘର
ଭୋକ-ପେଟେ ଦେବ ତା' କର ?
ପିଲପିଲି ଅନ୍ନ ବିକ
ପ୍ରଜା ହେବ ମଦ୍ୟପର ?

Digitized by srujanika@gmail.com

ତା' ଗୁଣ୍ଡିଆ ଆସିଲା ଦିନେ
ଘିନତମ କରିଲା ଘିନେ,
ନେଲା ମୋର ଘର ଓ ଜମି,
ବାହାରିଲି ଆଶ୍ରା ବନେ ।

କଲା ମତେ ଦାଣ୍ଡେ ଠିଆ
ନିଠୁର ସେ ରଜା-ଗୁଣ୍ଡିଆ
ପିଲପିଲ ବଦନେ ହୁହିଁ,
ନୟନେ ମୋ ଜଳଇ ନିଆଁ ।

କାହା ଜମି, ଘର ବା କାର,
ରଜାର ବା କି ଅଧିକାର ?
ଧରଣୀ କେ ଗଢ଼ିଲା ଧରି
ଲଙ୍ଗଳ-ଲୁହାର ଧାର ?

ଯୁଗ ଯୁଗ ଆସିଲେ ଚଷି
ଲୋକେ ମୋର ନିଆଁରେ ପଶି,
ଏ ରଜା ଥିଲା ରେ କାହିଁ,
ଅଧିକାର ଦେଖାଏ ବସି ?

କାଢ଼ି ମତେ ଦେଲା ମୋ ଘରୁ
ଦେଲା ତଡ଼ି ମୋ ଓଳିତଳୁ,
କହୁଛି ସେ ତାହାର ସବୁ,
ଦାନ ଅବା ଦେଇଛି କବୁ !

ଝବଳ ମୁଁ ମୁଷ୍ଟିଘାତେ
ଦେବ ଚୂର୍ଣ୍ଣ ରଜାର ଘଟେ
କାହାର ଏ ଜମି ଓ ଘର
ବୁଝାଇବ ଗୋଷ୍ଠୀଏ ନାତେ !

ପରେ ମୋର ହେଜଲ ଚିତ୍ତ
ହେବ ଫଳ ଯେ ବିପରୀତ
ପିଲପିଲ-ରକ୍ତ-ଲୁହେ
ଓଦା ହେବ ଜନ୍ମପୀଠ !

ସାକ୍ଷୀ ମୁଁ ଧର୍ମେ କରି
ପିଲପିଲ ସାଥିରେ ଧରି
ଫେରାଇଲି ମୁଖ ମୋ, ତହୁଁ
ପଶୁବଳେ ରଜାର ଡରି !

ସାକ୍ଷୀ ମୁଁ ଧର୍ମେ କରି
ଡାକ ଦେଲି ଉଚ୍ଚ କରି
"ହେ ଜନନୀ, ଧରଣୀ ଗୋ,
ପାଳିଲୁ ମା ଜୀବନ ଧରି ।

"ଜନମରୁ ବାଳି ତୁ ମୋର,
ଯୁଗ ଯୁଗୁ ଲଗିଛି ଡୋର,
ଲୋକେ ମୋର ରକ୍ତ ଦେଇ
କାଢ଼ିନିଁନ୍ତି ସ୍ୱର୍ଣ୍ଣ ଚୋର ।

Digitized by srujanika@gmail.com

"ରାଜା ହାର ଦଣ୍ଡ ଧରି
ନେଲା ତଟେ ମୋ କନ୍ୟା ହରି,
ଯାଉଅଛି ଗୁଣ୍ଡ ମା ତଟେ
ପଶୁବଳେ ରାଜାର ଡରି ।

"ପୁଅ, ଝିଅ, ପତ୍ନୀ ନେଇ
କି ଆଦର ନାହିଁଛି ଦେଇ
ତଟେ, ମାଗୋ ନଜର କରି,
ତୋହ ବିନା ଜାଣିବ କେହି ?

"ଶସ୍ୟ ଭୁ ଦଶିଲେ ଗୁରୁ
ପ୍ରାଣେ ମୋର ଦୁଗ୍‌ଧ ଡାକୁ,
ଫଗୁଣର ସ୍ୱର୍ଣ୍ଣ ଦେଇ
ଉଦରର ଜ୍ୱଳନ୍ ତାକୁ ।

"ଗୁଣ୍ଡ ତଟେ ଯାଏ ବା ଯହିଁ
ନାହିଁ ପାରେ କାହିଁ ମା ରହି,
ତୋ ପାଶକୁ ଫେରାଏ ପଦ,
ରୂପ ତୋର ମନ ପୋଡ଼ଇ ।

"ଦାସୀ ହେଲୁ ତସ୍କରର,
ନଗାଢ଼ବ ନତ୍ୟ ଜଳ,
ସେ'କ ଆଉ ଆଦର ଦେବ ?
ନେବ ଖାଲି ଶସ୍ୟ-ଫଳ !

Digitized by srujanika@gmail.com

"ଏଇ କଥା ରଖିବୁ ମନେ
ଯଦି; ଏଇ ଲକ୍ଷ ଜନେ
ମାନ ମୋର ରହିବ ମାତ,
ଧର୍ମ ମା ରହିବ କ୍ଷଣେ ।

"ଧର୍ମ ମା ରହୁ ମଞ୍ଚରେ,
ଭୟ ଛୋର, ଅନ୍ୟାୟୀରେ
ନ ଦେବୁ ମା'—ଶୁଣୁ ତା ରଜା
ବସି ତାର ସ୍ୱର୍ଣ୍ଣ-ପୀଢ଼େ ।"

କହି ଏହା ଛାଡ଼ିଲି ଦେଶ
ଧରି ଏହି ଭିକ୍ଷା-ବେଶ,
ନ ରଖି, ମୋ ମାଆର ବୁକେ
ସେନେହର ଭ୍ରାନ୍ତି ଲେଶ ।

ଭ୍ରମି ଭ୍ରମି ବର୍ଷେ ଗଲା,
ଫଗୁଣକୁ ଫଗୁଣ ହେଲା,
ଜମି ପୁଣି ପଡ଼ିଲା ମନେ,
ଦେଖିବାରେ ଚରଣ ଗଲା ।

ହାୟ ହାୟ ଫେରି ମୁଁ ଗ୍ରାମେ
ପୂର୍ଣ୍ଣିମା ପ୍ରଥମ ଯାମେ
କି ଦେଖିଲି, କି ଦେଖିଲି ମୁଁ,
କି ବ୍ୟଥା ମୁଁ ପାଇଲି ପ୍ରାଣେ ?

Digitized by srujanika@gmail.com

ବସୁଧା ମୋ ରଜାର ସାରେ
ନଇଁ ପଡ଼େ ଶସ୍ୟ ଭରେ ।
ଦୁଃଖ ଯା ପାଇଲି ବୁକେ
ସେକଥା ମୁଁ କହିବି କାରେ ?

ବସୁଧା ଏ ଗଣିକା ସତେ !
ଏ ଭାବନା ଲାଗିଲା ମତେ,
ନ ବାଛୁରି ଏ ଧନ ଦେହ
ଯେ ରଖିଲା ତାହାରି ହାତେ !

ରିକ୍ତତା ପୂରିଲା ମନେ
ଅପମାନ ଲକ୍ଷ ଜନେ
ହେବ ଭବ ଫେରିଲା ପୁଣି,
ବସୁଧାର ପୁତ୍ର ଜଣେ ।

ଲେଖାକାଳ-୧୯୩୦—୧୯୩୧

Digitized by srujanika@gmail.com

ରତି

୧

ସନ୍ଧ୍ୟାର ଅନୁଚରୀ
ନିଶୀଥର ସଙ୍ଗୀ
ପ୍ରତ୍ୟୂଷେ ରମଣୀର
ମଦାଳସ ଭଙ୍ଗୀ;
କୁମାରୀ କଟାକ୍ଷ ମୁଁ,
ବାଳିକାର ହାସ୍ୟ,
ଚଞ୍ଚଳ-ଲାସ୍ୟ,
ମୂର୍ତ୍ତି ଗୋ ଅନଙ୍ଗୀ ।

୨

ବିରହୀର କ୍ରନ୍ଦନ,
ହୃଦୟର ବେଦନା,
ପବଣର ଗୁରୁଗୁରୁ
ବିଚଳିତ ଭାବନା,
ଅଭିସାରିକା ମୁଁ, ଭୀତ-
କମ୍ପିତ-ଗମନା
ସମ୍ଭୋଗ-ସ୍ୱପନ,
ଲଜ୍ଜିତ-ବରଣା

Digitized by srujanika@gmail.com

୩

କୁଞ୍ଜ-ଗୁମ୍ଫାର ତଳେ
ଚୁମ୍ବନ ବନ୍ତ,
ପ୍ରେମିକାର ଗଣ୍ଡରେ
ଦୁଭୁକ୍ଷୁ-ଚନ୍ତ !
ଆଶ୍ଳେଷ ସୁଗନ୍ଧର,
କଂକଣ ବାଜଣା,
କବରୀର ଦୋଳଣା,
ପରଶ ଉତ୍‌କ୍ଷିପ୍ତ !

୪

ଲାଜ ଲାଜ ବଚନ ମୁଁ,
ଅଭିମାନ ମୌନ,
ମୋ ପାଣରେ ବର୍ଣ୍ଣର
ସବୁ ହିଁ ଅଗୌଣ ।
ତରଳ ଜୀବନ ମୂର୍ଚ୍ଛି,
ମୃତ୍ୟୁର ଛନ୍ଦ,
ଚିରକାଳ ଅନ୍ଧ,
ଚିରକାଳ ମୌନ ।

୫

ଚିରକାଳ ମୌନ ମୁଁ
ବାଗ୍ମୀର ଧାତ୍ରୀ,
ବଧିର ବଶିଦିତ
ବସନ୍ତ-ରାତି ।

Digitized by srujanika@gmail.com

ଚୁମ୍ବନ ଅଧୀର,
ମଞ୍ଜୀର ସ୍ୱନନ,
ଗୋପମାପୂ ବଚନ,
ସୁପ୍ତିର ଯାତ୍ରୀ ।

୬

ସୁପ୍ତିର ଯାତ୍ରୀ ମୁଁ
ସ୍ୱପ୍ନରେ ବଳସେ
କାନ୍ତ ମୋ ଥୁଆ ଥାଏ
ପଖାବାଣୀ ଉରସେ ।
ତାହାର ଚରଣେ ଲୁଟେ
ମୋ ନୟନ ଗୁହାଣି,
ହୃଦୟର କାହାଣୀ
ଖସେ ମହା ନଭସେ ।

୭

ଖସେ ମହା ନଭସେ ଗୋ
ପ୍ରଭାତର ଶିଶିରେ
ପଲ୍ଲବ ପରେ ପରେ
ଚନ୍ଦ୍ରକର ଖଣିରେ,
ଭରତର ଗାନେ ଗାନେ
ପୁଷ୍ପର ଗନ୍ଧେ,
ପ୍ରଣୟୀ-ମଧୁପ-ମୃଦୁ-
ଗୁଞ୍ଜନ ଛନ୍ଦେ ।

Digitized by srujanika@gmail.com

୮

ପ୍ରଭାତେ ବଧୂର ହୃଦେ
ବାସନାର ଅନ୍ତ,
ସେହ୍ବ ମୋ ଗୋପନ ଦାନ,—
ଶିଥିଳ ସୀମନ୍ତ,
ବିହ୍ୱଳ ଉରଜର
ବିଶୁଷ୍କ ମାଳିକା,
ବିଚ୍ୟୁତ କଳିକା,
ମୋ ଦାନ ସମସ୍ତ ।

୯

ଅଭିସାର କୁଞ୍ଜ ମୁଁ,
ଅଭିସାର-ଯାତ୍ରୀ,
ଚିର ଅଶାସିତ ମୁଁ ଯେ,
ସକଳର ଶାସ୍ତୀ ।
ବନ୍ଧ ମୁଁ ମାନେନା ଗୋ,
ଶୃଙ୍ଖଳ ପ୍ରହାର
ଜାଣେନା ମୁଁ କାହାର,—
ମୁକ୍ତିର ଦାତ୍ରୀ ।

୧୦

ମୁକ୍ତିର ଦାତ୍ରୀ ମୁଁ
ଯୁଗେ ଯୁଗେ ଜଗତେ,
ଫିଟାଇଛୁ କୋଟି କୋଟି
ବଂଧନ ମରତେ ।

Digitized by srujanika@gmail.com

ଅବଳାର ବଳ ମୁହିଁ
ଦୁର୍ବଳ-ଦୋଷର,
ଶଙ୍କା ଯା’ ପ୍ରାଣର,
କାଟଇ ମୋ କରତେ ।

୧୧

ମୋର କରତର ଦାଢ଼
ମଲ୍ଲୀର ପାଖୁଡ଼ା
ଜଗତର ଫୁଲଗଣି—
ସୌରଭ-ଉଜୁଡ଼ା;
ରସଦ, ସୁଖଦ ତାର
କର୍ତ୍ତନ-ଜ୍ୱାଳାଟି,
ବକ୍ଷର ମାଳାଟି
ହୁଏ ଉର-ଉଚ୍ଛୁଡ଼ା ।

୧୨

ଅବତର ଆସେ ମୁହିଁ
ଜ୍ୟୋତ୍ସ୍ନାର ଶ୍ରେଣୀରେ
ଭୁବନ ମୁଁ ଭରି ଦଏ
କର୍ତ୍ତିତ ବେଣୀରେ,
ଶୀକର ଶୀତଳ ବାଆ
ଖେଳଇ ମୋ ସଙ୍ଗେ
ସୁରଭିତ ଅଙ୍ଗେ,
ବଧୂନତ ବେଣୀରେ ।

Digitized by srujanika@gmail.com

୧୩

ଚନ୍ଦ୍ରିମାର ତଟେ ବସି
ଅନ୍ଧାର ଗହ୍ୱରେ
ବଂଶୀ ବଜାଏ; ନଦୀ
ସ୍ତବ୍ଧିତ ଲହରେ
ନାଚ ଉଠେ, ଈଶ୍ୱର
କୋଟି କୋଟି ବର୍ଷ
ମତେ କର ଲକ୍ଷ୍ୟ,
ସ୍ତବ୍ଧ ସେ ପ୍ରହରେ ।

୧୪

ସ୍ତବ୍ଧ ପ୍ରହରେ ସେହି
ଲକ୍ଷ୍ୟର କ୍ଳାନ୍ତି ଗୋ
ମୋ ମଧୁ ପରଶ ପାଇଁ
ଅଲକ୍ଷ୍ୟେ ମାନ୍ତି ଗୋ,
ପ୍ରେୟସୀ କପୋଳେ କରେ
ସ୍ୱପ୍ନର ସୃଷ୍ଟି
ସକାତର ଦୃଷ୍ଟି,—
ଦୁଖହୀନ ଶାନ୍ତି ଗୋ ।

୧୫

ଦୁଖହୀନ ଧନ ଶାନ୍ତି,
ସମ୍ବେଗ-ପରୁଆ
ନାହିଁ ବିତରିଲେ ଭବେ
ଚିନ୍ତା ମୋ ଗରୁଆ,

Digitized by srujanika@gmail.com

ସେଥିପାଇଁ ଆସେ ମୁହିଁ
　　　　　　　　ଅବଚର ସ୍ୱର୍ଗ
　　　　　　　　ଅନ୍ତରେ ଫଲ୍‌ଗୁ
ବାନ୍ଧ ସ୍ୱପ୍ନା-ମିଳନର
　　　　　　　　ସ୍ରୋତ ବେ-ପରୁଆ ।

୧୬

ଅଜ୍ଞାତ କେଉଁ ଦେଶେ
　　　　　　　　ଗାଁନ କେଉଁ କୁଟୀର,—
ତହିଁ ଚଳ ନଶାଗମେ
ଦୁଇ ଦେହେ, ଦୁଇ ମନେ
　　　　　　　　କାମ କରେ ନଟୀର
କୃଷକ କୃଷକ-ବଧୂ
　　　　　　　　ବକ୍ଷରେ ବଳସେ,
　　　　　　　　ପ୍ରଣୟିତ ଅଳସେ,
ମୋ ଯାଦୁରେ ରାଜ-ବାସ
　　　　　　　　ହୁଏ ସେହ୍ନ କୁଟୀର ।

୧୭

ଏଣେ ପୁଣି ବାଦ୍‌ସାହ—
　　　　　　　　ଅନ୍ଦର ମହଲେ
ଗୋଲାପ ଅତର ବାସେ,
　　　　　　　　ନକ୍‌କ୍ୱଣ ଚହଲେ

Digitized by srujanika@gmail.com

ଆସବ ଆରକ୍ତିମ
ବେଗମର ଚକ୍ଷେ
ଲଗାଏ ଅଲକ୍ଷ୍ୟେ,
ତନ୍ଦ୍ରାସ୍ମିନତା ମୁଁ ତୋ
ବାନ୍ଧୀର ଗନ୍ଧଲେ ।

୧୮

ମାତା ନୁହେଁ, ନୁହେଁ ସ୍ୱସା
ନୁହେଁ ମୁଁ ବା ପ୍ରେୟସୀ
ବିଶ୍ୱର,—
ତଥାପି ମୁଁ
ଚର ପ୍ରୀତି-ଲାଳସୀ ।
ଖୋଜ ବୁଲେ ସବୁ ହୃଦେ
ସେନେହର କଣିକା
କହୁ ମତେ ଗଣିକା,
କହୁ ମତେ ମାନସୀ ।

୧୯

ସୁଖଦାନ ଚରନ୍ତନ
ଲକ୍ଷ୍ୟ ମୋ ଜୀବନେ
ଶୋକ ମୋର ନାହିଁ କିଛି
ପ୍ରକାଶେ ବା ଗୋପନେ ।

Digitized by srujanika@gmail.com

ଯହିଁ ଯାଏ ତହିଁ ମୁହିଁ
ଫେରି ଦିଏ ପ୍ରାଣଟି
ମଦମସ୍ତ ଘ୍ରାଣଟି
ଦେଇଯାଏ ସ୍ୱପନେ ।

୨୦

ଶିଳ୍ପୀର ଅଂକନେ
ରଞ୍ଜନ-ତୁଳିକା,
କିଶୋର ପ୍ରଣୟୀ ପାଶେ
ମୁଁ କିଶୋରୀ ବାଳିକା,
ଅନ୍ଧାର ଉପବନେ
ଚୁମ୍ବନ ରକ୍ତ
ବିଲୋଳିତ ଶତ
ସଜଫୁଲ ମାଳିକା ।

୨୧

ମୁଗ୍ଧ କବିର ପାଶେ
ମୋ ପରାଣ ଛନ୍ଦ;
ଛନ୍ଦେ ତାହାର ତେଣୁ
ହସଇ ଆନନ୍ଦ;
ଜଗତର ଶୋଭା ତେଣୁ
ଚିର ନବ ବୟସୀ,
ରହସ୍ୟେ ପରଶି
କରେ ତାରେ ଅନ୍ଧ ।

Digitized by srujanika@gmail.com

୨୨

ସଙ୍ଗୀତମୟୀ ମୂର୍ତ୍ତି
ଇଙ୍ଗିତ-ଲୋଚନା
ଚଞ୍ଚଳ, ଛଳ ଛଳ
ମୃଦୁ-ମଧୁ-ବଚନା ।
ଧରୁ ଦିଏ ଆଗେ ଆଗେ
ସବୁରି ବାଗୁରାରେ,
ନିମିଷକେ ବାହାରେ
ପୋଛୁ ଅନୁଶୋଚନା ।

୨୩

ଚପଳ ମୁଁ ସତ; ପୁଣି
ସ୍ୱପନ-ମହତ
ଆତ୍ମା ମୋ ସୁଖ ସ୍ୱେଚ୍ଛେ
ସତ୍ୟରେ ସତତ ।
ଅପସ୍ୱର, ବ୍ୟଭିସ୍ୱର
ମିଥ୍ୟାର ଛଳନା
ପ୍ରଣୟ-ପ୍ରତାରଣା
ତରି ମୁଁ ମରଣେ କରେ
ପଦେ ମୋର ଆହତ ।

Digitized by srujanika@gmail.com

୨୪

ଶୃଙ୍ଗାର, ଧର୍ମର
ସତ୍ୟର ପୂଜାରୀ
ଶୌର୍ଯ୍ୟ ଚରଣ ତଳେ
ପ୍ରାଣ ଦଏ ଅଜାଡ଼ି;
ଚୁମ୍ବନ ପାଇ ମୋର
ଖଡ୍ଗର ଫଳକ
ଅଗ୍ନିର ଗୋଲକ
ମହାହବରେ ଘେନେ, ବୀର
ବକ୍ଷରେ ପଶାଇ ।

୨୫

ଆଦ୍ୟ ମୁଁ, ଅନ୍ତ ମୁଁ,
ବିଶ୍ୱର ସ୍ଥିତି ଗୋ,
ମଧ୍ୟମ ମୁଁ ସୃଷ୍ଟିର,
ଜୀବନର ଶାନ୍ତି ଗୋ,
କୋଟି କୋଟି ବର୍ଷର
ନିଭୃତ ଭାବନା,
ଅଶ୍ରୁତ ସାଧନା,
ଆତ୍ମାର ପ୍ରୀତି ଗୋ ।

Digitized by srujanika@gmail.com

୨୭

ପ୍ରୀତ ଲଗି ଯାଇଚା ମୋ,
ଅମୃତ ମୁଖର,
ସବୁ ଉରେ ଯାଏ ବୁଣି
ଗୀଜ ମଦା ସୁଖର ।
ଜୀବନମୟ ଖାଲ ମୋର
ପ୍ରାଣମୟ ପ୍ରଣୟ
ଦେଉ ପଛେ ସେଥି ଲଗି
ଲାଞ୍ଛିତ, ଅଥୟ
ମାଳା ବନ୍ଧ ଦୁଖର ।

୨୮

ମାଳା ଖାଲ ପ୍ରାଣ ବୃନ୍ଦେ
କଢ ମଧୁ:ପଦରୁ
ରସ-ଉଲ୍ଲୋଳ ଗୀତ
ସକରୁଣ ହୃଦରୁ ।
ସ୍ପନ୍ଦନମୟ ଭବେ
ସୁଖୀ ସେହି ଜନଟି,
ତେଣୁ ମୋର ପ୍ରାଣଟି
ଅମୃତ ପାଏ କଢ—
କଂପିତ ପଦରୁ ।

Digitized by srujanika@gmail.com

୨୮

ଥାଅ କବି, ଥାଅ କବି
                    ସକରୁଣ, ମୁଗ୍‌ଧ
ମନେ ରଖିଥିବ ମତେ
                    ତବ ଗାନ ଲୁବ୍‌ଧ,
ଜଗତର ହୃଦ କଥା
                    ନିଖିଳ ମରମ ବ୍ୟଥା
ତବ ଗୀତେ ବିକଶୁ,
                    ତବ ମଧୁ ପରଶୁ,
ଥାଏ ମୁହିଁ ଚିରକାଳ
                    ଯୌବନ-ଶୁଦ୍ଧ
                    ସୁଖ ଅବରୁଦ୍ଧ
                    ମୁଗ୍‌ଧ, ଅକ୍ଷୁବ୍‌ଧ ।

ଲେଖାକାଳ—୧୯୨୮

Digitized by srujanika@gmail.com

ପୁଷ୍ପର ସ୍ୱପ୍ନ

କହ କହେ,
ଅୟି, କୁସୁମ ସଜନୀ,
କାହା ପରଶେ,
ଲଜି ପଡ଼େ ଝୁରୁ
ଅଧରଟି ଗୁରୁଁ
ତରୁଣ ହସେ ?

କେଉଁ ଦେବତାର
ଚୁମ୍ବନ ସେ ଗୋ
ପରଶେ ଯାର
କିଶୋର ସ୍ମୃତିରେ
ଅଂକିତ ହେଲା
ପ୍ରଣୟ-ଧାର ?

Digitized by srujanika@gmail.com

କାହ୍ନିଁ ସେ ପ୍ରେମିକ
ଯା' ସ୍ୱପ୍ନ ଭ୍ରମରେ
କରୁଛି ବାଇ
ପରସାଦ ତାର
ସୌରଭେ, ରୂପେ
ଦେଉଛି ଯାଇ !

ଫୁଲ-ସଖୀ କହେ,
"ଶୁଣ କବ ତମେ,
ଶୁଣିବ କଏ ?
ପ୍ରଥମ ଚୁମାଟି
ଆଜ ମୋ ମରମ
ଦଗାଇ ନଏ ।

ସେନେହ ନରମ
ପବନର କୋଳେ
ମଥାଟି ପାତ
ପାଣ୍ଡୁଲ ଶିଶିର—
ଶୀତ ଆଖି ବୁଜ
ଶୋଉଁ ମୋ ରାତ,

ଶୁଣ ସଖା, ଶେଷ
ପହରେ ମୋହର
ସ୍ୱପନ କ୍ରୀଡ଼ା

Digitized by srujanika@gmail.com

କପରି ଭଜନ୍ତୁ
ଶୁଣ ମୋର ସ୍ୱପ୍ନ
ତରୁଣୀ-ବ୍ରୀଡ଼ା ।

ଜ୍ୟୋତ୍ସ୍ନା ଆସିଲା
ଟିପି ଟିପି ପଦ
ଦୁଆର ପାଶେ
କାନେ କାନେ ମୋର
କହିଲା ସୁହାସେ
"ତୋହର ଆଶେ,

ଲକ୍ଷ ଯୁଗରୁ
ବକ୍ଷ ଭିତରେ
ପାଇଛି ପ୍ରୀତି
ମହା ପ୍ରଣୟୀ ସେ
ମୋ' ଦେଇ ଚଳେ ରେ
ଖୋଜଇ ନିତି ।

ସାରା ରାତି ଖୋଜି
ସନ୍ଧାନ ଆଜ
ପାଇଛି ମୁହିଁ
ଅ-ଜଣା ତୋହରେ
ଜଣା କଲି ଯଉ—
ବନ ଗୋ ତୁହିଁ ।

Digitized by srujanika@gmail.com

ଚକଟେ ତୋହର
କଶୋର ଚବୁକ
ଉଠିଛୁ ପୂରି
ତୋହର ଶୋଭାରେ
ଧରଣୀରେ ଆଜ
ପଡ଼ୁଛୁ ଢୁରି ।

ପ୍ରେମିକ ତୋହର
ଲୁବ୍‌ଧ ନୟନେ
ତେଣୁ ଗୋ ଆଜ
କହୁଛନ୍ତି ମତେ
ନେବାକୁ ତୋହରେ
ଆଦରେ ସାଜ ।

"ଆସ ବେଗେ"—ବୋଲି,
କୋଳେ ଧରି ମତେ
ଗୃହଲ ପଦ
ଶୁଭୁଥିଲ ଖାଲ
ଛର ଛର ଛାର
କେୟୂର ନାଦ ।

ଲଜେ ଲଜେ ମୁଁ ଗୋ
ମଥା ପୋତ ଚାର
ବଦନ କୋଣେ

Digitized by srujanika@gmail.com

ଧାଉଥିଲ ସେହ୍ନ
ମହା ପ୍ରେମିକର
ମହା ଚରଣେ ।

ନମିଷେ ଦେଖିଲ
ମୋହରେ କାହାର
କୋମଳ ଉରେ
ଶାନ୍ତ ପୁରୁଷ
ଆସୀନ, ନୀଳମା—
ମଗ୍ନ ସେ ପୁରେ ।

କପୋଳେ ତାହାର
ଚନ୍ଦ୍ର ଜଳଇ
ତରଳ ହାସେ
ଅପୂର୍ବ ତାରକା
ଯୁକ୍ତ ତାହାରି
ବକ୍ଷ ପାଶେ ।

ତମ-ତସ୍କର
କୋଟି-ଭସ୍କର
ଅଙ୍ଗେ ଜଳେ
ତେବେହେଁ ଶାନ୍ତ
ଅତି ପ୍ରଶାନ୍ତ,—
ଅଧର ତଳେ ।

Digitized by srujanika@gmail.com

ବଶ୍ୱ ଯାକର
ପ୍ରଣୟ-ବଧୂର
ହାସ୍ୟଧାର
ଝଁର ପଡ଼େ ତାର
ଉଦାର ଅଂକେ
ଆତ୍ମ-ହରା ।

ମୋହରେ ଆଦରେ
କରଯୁଗ ଯେନ
ବକ୍ଷେ ଥୋଇ
ବକ୍ଷ ମୋହର
ଲକ୍ଷ ଯୁଗର,
ଲୋତକେ ଧୋଇ,

ବୋଇଲେ 'ମାନସି,
ମନେ ପଡ଼ଇ କି' ?
ଦେଲେ ଟୋ ଚୁମା
ସହସା ଦେଖିଲି
ସରିଯାଇଛି ମୋ
ପ୍ରଣୟ-ଘୁମା ।

ଫିଟିଅଛି ମୋର
ପ୍ରଣୟ-ପୁଷ୍ପ
ଅରୁଣ ରାଗେ

Digitized by srujanika@gmail.com

ପଣ୍ଡତା ପର ମୁଁ
ଲଜ କଲ ବଡ଼
ଧରଣୀ ଆଗେ ।

ସ୍ମରଣ ରଭସେ,
ଥରି ଉଠେ ଦେହ,
ଲୋତକ ଝସେ
ଲଣି ପଡ଼େ
ସ୍ମରୁ ଅଧରଟି
ଗୁରୁ ଚରଣ ଦସେ ।”

ଲେଖାକାଳ—୧୯୨୭

Digitized by srujanika@gmail.com

ପଲ୍ଲୀ-ସ୍ନାନଘାଟ

ମାଠିଆ ରଖି ଜେମା
ରହିଁ, କହିଲା—"ଏ ମା !
ଆଗେ ହାଜର !
କି ଲଭ ବାଜି ରଖି,—
ଜାଣେ ମୁଁ, ସତ୍ତ ସଖୀ
ପାଳ ଜାଗର !"

ହସିଲେ ଦୁଇ ନାରୀ
ମୁହଁ ମୁକୁଳା ଢାଳି
ନୋଇଁ ବଦନ,
ପ୍ରଭାତ ସମୀରଣେ
ମିଶିଲା ବେନି ଜନେ
ରସ ବଚନେ ।

ଗ୍ରାମର ସ୍ନାନ-ଘାଟ—,
ଅଦୂରେ ଗ୍ରାମ-ବାଟ
ଯାଇଛି ଚାଲି,
ଅନ୍ଧାର ଯାଇ ନାହିଁ
ତପନ ଉଠି ନାହିଁ
ଚୂଲକା ଚୁଲି ।

Digitized by srujanika@gmail.com

ପାହାଚ ଗଡ଼ ଛଳେ
ମିଶିଛୁ ଯାଇ ଜଳେ
ଶିଉଳିଶିରେ

ତୁଳସୀ ପୀଠ ଗୋଟି
ପ୍ରଣତ ଲଭି କୋଟି
ରହିଛୁ ଶିରେ ।

ପୋଖରୀ ଆର ତୀରେ
ରହିଛୁ ଉଭା ଧୀରେ
ବରଗଛ ବର

ଦୁଇଟି ଛାର ଡାଳ
କରିଛୁ ଆଢ଼ୁଆଳ
ସେ ଚୋଠ-ଜଳ ।

ରଜନୀ ପାହି ଆସେ
ପୂରୁବେ ଉଷା ଭାସେ,
ଉଠଲେ ପକ୍ଷୀ,

ଅଳସେ ଡେଣା ଝାଡ଼ି
ଉଠିଲେ ଚକ୍କ ମାରି
ତଳକୁ ଲକ୍ଷି ।

Digitized by srujanika@gmail.com

ଗମ୍ଭୀର କୋଳାହଳେ
ଉଡ଼ିଲେ ଦଳେ ଦଳେ
ଆକାଶ ତଳେ,

ଜେମା, ବଦନ ଧୋଉଁ
କହିଲା, "ନୂଆବୋହୂ
ମୁହଁ ଉପରେ !"

ନୟନ କର ଥିର
ଦେଖେ ସେ ଶଂଖ-ଚିଲ
ଯାଉଛି ଭାସି

କହିଲା ଜେମା, "ଆହା,'
ମିଳିବ ଆଜ ଯାହା
ଥିଲ ମନାସି !"

କହିଲେ ନବବଧୂ
ବଚନେ ଢାଳ ମଧୁ
"ଦେଖିଛ ଆଗେ

ଚମର ପୁଚ୍ଛ ବାଘ,
ମିଳିବେ, ଅଛି ଆଶ
ଯା' ଅନୁରାଗେ !"

ନ ସରୁଁ ତାଙ୍କ କଥା
ଆସିଲେ ନୋଇଁ ମଥା
ଦଳକୁ ଦଳ

Digitized by srujanika@gmail.com

ଗ୍ରାମର ଯେତେ ବଧୂ ,
ଉଠଇ ପ୍ରତି ପଦୁ
ଅଂକର ସ୍ୱର ।

ମାଠିଆ ରଖି ତୀରେ
ମାଜଲେ କାଚ ଧୀରେ
କେଉଁ ସୁନ୍ଦରୀ
କେ ଅବା ହରିଦ୍ରାରେ
ଲଗିଲେ ମାଜିବାରେ
ଯତନ କରି ।

ଲଗିଲା ଫୁସ୍ ଫାସ୍
ବଚନ, ପରିହାସ,
ନ ଶୁଣେ କେହି,
ସଭିଏଁ କନ୍ତୁ କଥା
କହନ୍ତ ଭ୍ରୂଲତା
ନୂଆଁଇ ଦେଇ ।

ପ୍ରବୀଣା କେହୁ କହେ
ସଖୀରେ ଡାକ "ହଏ,
ମଟିଆଁ ବୋହ,
ଦେଇ ଯେ ଥିଲି କାଲି
ଲୁଖିଲ ବରି-ଡାଳି,
ଖାଲି ପିଠୋଉ !"

Digitized by srujanika@gmail.com

ମଝିଆଁ ବୋଉ ମାନ
ଉଷି ନଜର, ସାନ
ବୋହୂକୁ ଦୋଷି
କରି କହଇ, "ଆହା
ଖାଇ ତ ସବୁ ଚାହା
ହୋଇଲେ ଚୋଷି !

ସାନ ବୋହୂଟା ଚ୍ଛି ଚ୍ଛି
ଜାଣୁନ ପଗ କଚ୍ଛି
ଦେଲା ପଠାଇ
ପିଠୋଉ ଗିନାଠାରେ,
ଘରେ ମୋ ମାଲେ ମାଲେ
ବାସନ ଥାଇ !

ଆରେକ କେହୁ ଭାଷେ
"ଆଜ ତ ନାହିଁ ଆସେ
ପଧାନ-ବୋହୂ
ଆମ ସାଥିଙ୍କ"—ଆନ
ଥାଇ କହଇ "କାନ
ବୁଜ କ ଥାଉ ?"

ବୁଢ଼ୀ ଜେ ଥାଇ କହେ,
"ଅଣ୍ଡିର ପୁଅ, ଉହେ
ନାହିଁ ତ ଘରେ,

ରେଂଗାମେ ଗଲା କାନ୍ଦିଁ,
ଏ ଭୁଆସୁଣୀ ଥାଇ
କହ କି କରେ ?”

ଜଣକୁ ଜଣ ଜଳେ
ଚଣିଲେ ଏବେ, ଥରେ
ଶୀତେ ଶରୀର,

ଥରଇ ବାହୁଲତା
ଥରଇ, କହୁଁ କଥା
ଅଧରେ ଗୀର ।

ଏପରି କେତେ କଥା,
ଲଗିଲା ଘନ-ଘଟା
ଶୁଣୁଛ କିଏ ?

ଯିବାର ବେଳ ହେଉଁ
ତୁମେ କମାଇ ତେଜ
ଭୁଜ ସଭିଏଁ ।

କେ ଜଳୁ ଉଠି କେଶ,
ଚପୁଡ଼ି ସାଜେ ବେଶ,
କେ ଜଳେ ପଶେ,

କେ ଦେହୁ କାଢ଼ି ବାସ
ବସିଛୁ, ପରିହାସ
କରୁଛୁ ରସେ

Digitized by srujanika@gmail.com

ଗୋଟିଏ ସ୍ଲେଟ ବୋହୂ
ପାଣିକ ଯାଉ ଯାଉ
ଖସିଲା ପାଦ,

ନନ୍ଦ କହେ ତାର
ଅଣ୍ଡିରଚଣ୍ଡୀଟାର
ନାହିଁଟି ଲାଜ !

ଆଲୁଅ ହୋଇ ଆସେ
ଶପୁଡ଼ ଓଦା ବାସେ
ଜଣକୁ ଜଣ,

ଫେରନ୍ତି ଏବେ ଗୋଷ୍ଠ
କାଖରେ ଗସ୍ତ ଚୋଳ
ନୋଇଁ ବଦନ ।

ଓଦା ସେ ବାସୁ ପଣ୍ଡ଼
ସଲିଳ, ପଥ ପରେ
ଝଲକେ ତେସ,

ଭରେ ଶରୀର ନତ
ପଦ ଝୁଣ୍ଟଇ ପଥ
ବାଜଇ ବଳା ।

Digitized by srujanika@gmail.com

ନୀରବ ଏବେ ବାଟ,
ଝଟମ ଶୂନ୍ୟ ସେ ଘାଟ
ରହିଲ ପଡ଼ି,

ପୋଖରୀ ନୀଳ ଜଳେ
ଛଡ଼ା ହଳଦୀ ଥରେ
ଆଶିଷ ପରି ।

ଲେଖାକାଳ—୧୯୨୯-୩୦

Digitized by srujanika@gmail.com

ମା ଓଡ଼ିଶା

କବିଭୂମି, ଶିଳ୍ପଧାତ୍ରୀ ଭୁନ୍ଦଟି ମା ! ବିଶ୍ୱେ ଗରବିଣୀ
ବୀରମାତା ଉତ୍କଳ ଜନନୀ ।

ଆଦିମ ତାମସ ଗର୍ଭୁ ଯେବେ ଗୋ ମୋ ବିକାଶ ତୋହରି
ପ୍ରଥମ ଚୁମ୍ବନ-କ୍ରୀଡ଼ା ରବି ଦେଲା ତୋ ଅଙ୍ଗରେ ଭରି
ଆସିଲା ବସନ୍ତ ତହୁଁ କରିବାକୁ ତୋ ବକ୍ଷରେ ଲୀଳା
ସାଜିଲା ପ୍ରକୃତି ବସି କରି ତୋତେ ଏମନ୍ତ ଛବିଳା
ପାତାଳ ଫୁଟାଇ ତହୁଁ ବହିଲେ ଏ ନଦୀ ଶତ ଶତ
ବ୍ୟଗ୍ର ଅବିରତ ।

୨

ଜନ୍ମିଲେ ତେବେଣ କୋଳ୍ପ କାଳେ ତୋର ସନ୍ତାନ ସନ୍ତତି
[ସନ୍ଧ୍ୟାଗମେ ଫୁଟିଉଠେ ନଭବକ୍ଷେ ତାରକା ଯେମନ୍ତି
ନିଜ ତେଜେ ଧୌତକରି ଜନନୀର ସୁନୀଳ ଅଞ୍ଚଳ]
ବିଶ୍ୱକଣ୍ଠେ ଶୁଣାଇଲେ ତୋର ଗାଥା ମଧୁର କୋମଳ
ଧମନୀର ରକ୍ତ ଦେଇ ଆଣିଲେ ମା ! ତୋର ମାନ କିଣି
ଧନ୍ୟ ତୁ ମାନିନ !

Digitized by srujanika@gmail.com

୩

ଅଲକା ବରଜ ସ୍ନେହେ ଆସିଲେ ମା ! ଦେବ ଧନପତି
ତୋର କୋଳେ । ଭରି ଦେଲେ ଘରେ ଘରେ ଅତୁଳ ସମ୍ପତ୍ତି
ତୋ' କରକମଳେ ବଣ୍ଟ ଗୃହିଁଲ ମା ! ସନ୍ତୁଷ୍ଟ ନୟନେ,
ଉଦାରତା ଭରି ହୃଦେ କ ଇଙ୍ଗିତ ଦେଲୁ ତୁ ସନ୍ତାନେ—
ପାରାବାର ପରପାରେ—ଦିଗ୍‌ଦିଗେ ବାଣ୍ଟିଲେ ସେ ଧନ
ତୋହରି ସନ୍ତାନ !

୪

ସହସ୍ର ବହିତ୍ର ପୁଣି ଶୁକ୍ଳକରି ବାରିଧି-ଉରସେ
ଚଳିଲ,—ଦୋହଲି ମନ୍ଦେ ପବମାନ ମଧୁର ପରଶେ ।
ଦମ୍ଭଭରେ, ସିନ୍ଧୁପାରେ ଖୋଜିବାକୁ ଅଜ୍ଞାତ ବିଦେଶ
ଦେବାକୁ ଜଗତ ଜନେ ଜଗତର ଅଜ୍ଞାତ ସନ୍ଦେଶ
ସ୍ଥାପିବାକୁ ତୋହରି ମା ଯୁଗ-ଯୁଗ-ବ୍ୟାପିନୀ କୀରତି
ଅୟି ଭାଗ୍ୟବତି !

୫

ଅମୃତ କ୍ଷରେ ତୋ ବକ୍ଷ, ସେ ଅମୃତ ଖୁଆଇଣ ନିତି
ଗଢ଼ିଲୁ ସନ୍ତାନେ ତୋର ମହାବୀର, ହୃଦେ ନାହିଁ ଭୀତି ।
ଢାଲ, ତରବାରି ଧରି ଉଠିଲା ସେ ଦିଗ୍‌ବିଜୟ ଆଶେ
ଭ୍ରୂଭଙ୍ଗେ ଲୁଟିଲା ଶତ ନୃପତିର ତୋ' ଚରଣ ପାଶେ
ଗଙ୍ଗା, କୃଷ୍ଣା, ଗୋଦାବରୀ ସେବିଲେ ତୋ' ଚରଣ ପୁଲକେ
ସେ ମହା ପଲକେ ।

Digitized by srujanika@gmail.com

୬

ଷଷସୀମନ୍ତିମା ତୋର ପ୍ରାଣକାନ୍ତେ ବରମାଲ୍ୟ ଦେଇ
ସଂଗ୍ରାମର ଧୂମଭୂମେ ବୀରବେଶେ ଦେଲେକ ପଠାଇ
ବାର୍ତ୍ତାହର ମୁଖେ ଶୁଣି ପ୍ରାଣପତି ସ୍ୱାଧୀନ-ମରଣ
ଜ୍ୱାଳିଲେ ଭୀଷଣ ଚିତା, କରିଲେ ବା କୃପାଣ ଧାରଣ ।
ତୋହର ପାଇଁକି ମାତ, ନାରୀ କଲ ଅଦ୍ଭୁତ ସାଧନା
ସ୍ୱାଧୀନ-ଜୀବନା !

୭

ନଦନଦୀ ଚିତ୍ରତଟେ ଶତ ଶତ ଶୁଭ୍ର ସୌଧମାଳୀ—
ନଗରୀ ଉଠିଲା ଗର୍ବେ ତୋର ଅଙ୍ଗ ସୌନ୍ଦର୍ଯ୍ୟ ବଢ଼ାଇ ।
ଦେଉଳ ଟେକିଲା ମଥା ସ୍ୱର୍ଣ୍ଣଶିଳ୍ପେ ହୋଇଣ ଭୂଷିତ
ବ୍ୟୋମପଥ୍ୟ ଦେଖି ଯାହା ଦେବଶିଳ୍ପୀ ହୁଅନ୍ତ ଲଜ୍ଜିତ ।
ଶ୍ୟାମଳବସନା ! ତୁ ମା ! ଏ ଭୂଷଣେ ହୋଇଣ ଭୂଷିତା;
ବିଶ୍ୱେ ସୁପୂଜିତା !

୮

ପ୍ରଜାଗଣେ ଦେବାକୁ ମା ! ସ୍ୱର୍ଗର ଅମୃତ ସନ୍ଦେଶ
ରାଜା ତୋର ଧରିଅଛି ଦରିଦ୍ରର, ସନ୍ନ୍ୟାସୀର ବେଶ,
ନୀଳାଚଳ ପୁଣ୍ୟତଳେ, ମନୁ ତେଜି ଗର୍ବ ଅହଙ୍କାର
ସହସ୍ର ଜୀବନ ସଙ୍ଗେ ମିଶାଇଛି ତା ହୃଦ ଉଦାର
ଚଣ୍ଡାଳର ବେଶେ ବିଶ୍ୱେ ଶିଖାଇଛି ଭାବ ଗରୀୟାନ,
ସମସ୍ତେ ସମାନ !

Digitized by srujanika@gmail.com

୯

ପ୍ରେମମୟୀ ତୁ ଜନନୀ ସରସ୍ୱତୀ-ପବନ୍ତ ଧରଣୀ
ବୈଷ୍ଣବ, ଶଇବ, ଶାକ୍ତ ସଭଙ୍କର ତତ୍ତ୍ୱରତ୍ନ ଖଣି ।
ବୌଦ୍ଧର ଅହିଂସାବାଣୀ ତୋର କୋଳେ ଅତି ପରିଚିତ
ଜୈନର ଦୟାର୍ଦ୍ର ଭାବ ତୋର ବକ୍ଷେ ଚିର ଝଙ୍କୃତ
କବିର ମଧୁର ମୁଖେ ତୋର ନାମ ସଦା ଉଚ୍ଚାରିତ
ସୁଯଶପିତ୍ତିତ ।

୧୦

ଏବେ ଯଶ ଏବେ ମାନ ବିଧାତା କି ପଲଟିଲା ମା' କହ
ଫେରାଇଣ ନେଇ ତାର, ତୋ ନୟନୁ ବୁହାଉଛୁ ଲୁହ,
ଯାଇଛି ନଗର, ଶିଳ୍ପ, ଯାଇଛି ମା, ରାଜ୍ୟଧନ ସବୁ
ନ ଫେରେ ସନ୍ତାନ ତୋର ଝଡ଼୍‌ନା ଧରି ଆଉ ମା, ଆହବୁ ।
ଭାଗ୍ୟ ଦୋଷୁ ସିଂହଶିଶୁ ହୋଇଛନ୍ତି ଖଗେ ପରିଣତ
ଅତି ଅନୁନ୍ନତ !

୧୧

ଛିନ୍ନ ଭିନ୍ନ ଅଙ୍ଗ ତୋର ବିଦେଶୀର ନିର୍ମମ ଶାସନେ
ସନ୍ତାନ ମରଇ ନିତି ଦାରିଦ୍ର୍ୟର କ୍ରୂର ନିପୀଡ଼ନେ
ବିଧାତାର ବାମନେତ୍ର ପଡ଼ିଛି ମା ! କପାଳେ ତୋହର
ନଅ ଆଉ କେତେ ଦିନ ଭଗବାନ୍ ଆଦେଶେ ଏପରି,
ଭାବେ ମନେ, ପାଳିଲଣି ତୋର ଦୁଃଖ-ତମସା-ସହିତ
ଅଧମ ସନ୍ତତି !

ଲେଖାକାଳ—୧୯୨୦-୨୬

ଭାରତ-ଗୀତ

(ଗୁରୁ — ଲଘୁ ନିୟମ)

ବହୁଯୁଗ ନିଦ୍ରିତ ଭାରତ ଜାଗ୍ରତ, ଜଡ଼ତା-ନିଶି ଅବସାନେ,
କୋଟି କୋଟି ହୃଦ ମୁକ୍ତି-ପିପାସିତ ନାହିଁ ବିପଦ-ଭୟ ମାନେ ।
ଜୟ ଜନନୀ, ଜୟ ଜୟ ହେ
ଜୟ ଶୁଭ୍ର-ବାସର ଜୟ ହେ
ଜୟ ଜୟ, ଜୟ ଜୟ, ଜୟ ହେ ।

ଉତ୍କଳ, ସିନ୍ଧୁ, ସଉରାଷ୍ଟ୍ର, ଅଯୋଧ୍ୟା, କେରଳ, ଦ୍ରାବିଡ଼, ଆନ୍ଧ୍ର,
ବଙ୍ଗ, ଅଙ୍ଗ, ପଞ୍ଜାବ, ମରାଠା —କଣ୍ଠୁ ଉଠଇ ଧ୍ୱନି ମନ୍ଦ୍ର ।
ମନ୍ଦ୍ରିତ ଗଗନ ବିତାନ
ସ୍ପନ୍ଦିତ ଭାରତ-ପ୍ରାଣ
ମୁକ୍ତି-ପରଶ ଚିର-ସୁପ୍ତ ଅଯୁତ ହୃଦେ, ପରମ ବରାଭୟ ଆଣେ

Digitized by srujanika@gmail.com

ବହୁଯୁଗ ବନ୍ଧନ କରୁ ଭଂଜନ ହୁଏ, ଅପଗତ ହୁବୁ ଅବସାଦ
ତିମିର ପଳାୟିତ, ଆଲୋକିତ ପଥ, ପ୍ରାଣୁ ଛୁଟଇ ପରମାଦ ।
ଦୃପ୍ତ ବିଜୟ ଅଭିସାରେ
କୋଟି ଚରଣ ଖର ସ୍ଖଲେ
ବିଘ୍ନ ବିପଦ ଦଳି, ମୃତ୍ୟୁ କଷଣ ବରି, ଜୟ-ପାଗଳ ମନପ୍ରାଣେ ।

ହିନ୍ଦୁ, ଖିରସ୍ତନ, ପାର୍ସି, ବୌଦ୍ଧ, ଜନ, ବୈଦିକ, ଶିଖ, ଇସଲାମ,
କର କର-ମିଳନ ପରସ୍ପର ଗାଇଣ, ଜନମି ଭାରତ ନାମ ।
କୋଟି କୋଟି ସ୍ୱର ସଙ୍ଘ
କରିବ ଦେବ-ତପ ଭଂଗ,
ବିଶ୍ୱ ଥରିବ, ପରିପନ୍ଥୀ ପରାଜିତ ଦୂର ଚଳିବ ଅପମାନେ ।

ନାରାୟଣ, ନର ଅଂଗ ବିଭାସଇ ପୀଡ଼ନ କେ କର ତାରେ ?
ଧୃତ-ମୁକୁଟ ସେ, ସର୍ବ ଶିର ଅଂଗେ, ଅଗଣିତ ଶର କରବାଳେ ।
ବେଦ-ଭୂମି ଗଳ ତନ୍ତ୍ରେ
ଶାସିବ କେ ପଶୁ-ମନ୍ତ୍ରେ ?
ବିକଶିବ ପାପରୁ ମୁକ୍ତି-ତପନ, କର ଧୃତ ଅଖିଳ ଭବ-ଧାମେ ।

ନଗ-ଅଧିରାଜର ଶିଖର ବିକମ୍ପିବ, ବିନ୍ଧ୍ୟ ଥରିବ ଗରୁ ତାପେ;
ସିନ୍ଧୁ ବିଧୂନିବ, ମାଟି ଟଳିବ ତଳୁ କାମିନୀ କରୁଣ-ବିଳାପେ ।
ଦଗ ଦଗ ବେପଥୁ ଭାବେ
ପୂରିବ ଧ୍ୱଷଣ ରାବେ
ଶେଷେ ହେବ ଜୟ ସଞ୍ଚାର, ମାନବ ଚୂର୍ଣ୍ଣ ଖଳ ଦାନବ ବାଣେ ।

Digitized by srujanika@gmail.com

ଆସ ସକଳ କୁଳ-ପାବନ ସନ୍ତତି, ସଙ୍ଗେ ଧାଅ ଦ୍ୱନ୍ଦ୍ୱ-ଧାର,
ପୂଣ୍ୟ ଜନମ କର ମାତୃଚରଣ ଛୁଇଁ, ଧନ୍ୟ କରହ ପରିବାର ।
କୁଣ୍ଠିତ କୃପଣ ପରାଣେ
ସ୍ଫୀତ କରହ ଅଭିମାନେ
ଭାରତ ରତ୍ନ ତବ ନିତ୍ୟ ଜାଗ୍ରତ ଭରି ସ୍ୱପ୍ନ, ଉଜାଗର, ଧ୍ୟାନେ ।

(ଲେଖାକାଳ ସମ୍ଭବତଃ ୧୯୩୦-୩୧ । ତତ୍କାଳୀନ ଜାତୀୟ ଲବଣ-ସଂଗ୍ରାମକୁ ଲକ୍ଷ୍ୟ କରି ଲେଖାଯାଇଥିଲା । ଏ କବିତାଟି ପରେ ଛଦ୍ମ ନାମରେ (ଦୂର ଅତିଥି) ୧୯୩୩-୩୪ ସାଲର 'ସମାଜ'ର କୌଣସି ସଂଖ୍ୟାରେ ପ୍ରକାଶ ପାଇଥିଲା । ଲେଖକ ସେତେବେଳେ ନିମାପଡ଼ା ହାଇସ୍କୁଲରେ ଶିକ୍ଷକ ।)

Digitized by srujanika@gmail.com

ନବବଧୂର ବିରହ

ବାଳିକା ବଧୂ,   ଶ୍ୱଶୁର ଘରେ ରହି
ଗୋଟିଏ ବରଷ
ଗାଆଁକୁ ଗଲେ   ଫେରିବେ ପରା ପୁଣି
ହୋଇଲେ ବୟସ ।

ତରୁଣ ବର   ବରଷଯାକ ଆହା
କନକ ପିଞ୍ଜୁଳି—
ଗୁରୁ ବିରହେ   ରାତି ଦିନ ଧରି
ହୋଇଲେ ଆକୁଳ ।

ବଧୂ ସେ ଦିନେ   ଆସିଲେ ଫେରି ପୁଣି,
କଣୋଇ ନାୟିକା
ରହିକ ଖାଲି   ଶୁଙ୍ଘି ଥାଆଁନ୍ତି, ଯେବେ
ହେବ ଘ୍ରାଣ-ଭିକା ।

ଗଣ୍ଠିର ରାତି   ମିଳନ ଯେବେ ହେଲା
ତରୁଣ ପଲଙ୍କରେ
"କହିଲ ପ୍ରିୟେ !   ମନେ କି ପଡ଼ୁଥିଲି
ଅକାଳେ ସକାଳେ ?

Digitized by srujanika@gmail.com

ଚନ୍ଦ୍ର-ରାତି   ମୋହର ଲାଗି କେବେ
ହେଲା କି ଅସର
ଚୈତ୍ର ମାସ—   ମଳୟ-ବାୟୁ-ସେକ
ହେଲାନି ବିଷ-ର ?

ବରଷା ଧାରା   ଗମ୍ଭୀର ରବେ ଯେବେ
ପଡ଼େ ଝର ଝର
ପରାଣ ତବ   ଭାବଥିଲା କି ମତେ
ବେପଥୁରେ ଥର ?

ଜ୍ୟେଷ୍ଠ ତାପେ   ଭବନ-ଉପବନେ
ବସୁଁ ଗଛ ତଳେ
ସଂଗୀ ଖୋଜି   ପରାଣ ତଳେ ,ହାୟ
ମୁଁ କି ମନେ ପଡ଼େ ?

ବିରହ ତାପେ   କାନ୍ଦୁଥିଲ କେବେ,
ପୋଛେ ସଖୀ ଲୁହ,
କେମନେ ସଖୀ   ଭୁଂଜିଲ ବିରହ—
କହ ଖୋଲି କୁହ ।

ତମର ଲାଗି   ବିରହ ଯାହା କଲା
କି କହିବି ସଖି,
ପରାଣ ମୋର   କାଟିଲା ଟିକି ଟିକି
ମାର, ଶର ହାଁକି ।

Digitized by srujanika@gmail.com

ପୁରୁଷ ବୋଲି   କଠିନ ଆଖି ଭଲେ
          ନ ଆସେ ଲୋତକ
କିନ୍ତୁ ପ୍ରାଣ   ତୋ ପାଇଁ ହେଉଥିଲା
          ସଦା ଧକ ଧକ ।

ଶୋଇଲା ବେଳେ   ତୁମର କଥା ଭାବେ
          ବଡ଼ ଗୋ ସେ ଦୁଃଖ
ଦିବସଯାକ   କର୍ମ ଅନ୍ତରାଳେ
          ସୁମରେ ତୋ ମୁଖ ।

ସେଇପରି କି   ଚଞ୍ଚଳ ମନେ ମୁହିଁ
          କହିଛି ବିରହ ?
କହନା ସଖି,   ଶୁଣିବ ଇଚ୍ଛା ବଡ଼
          ହୃଦ ଖୋଲି କହ ।"

କଶୋଣ୍ଣି ବଧୂ   ଓଢ଼ଣା ଦେଲା ଟାଣି
          ଭଲକୁ ଆହୁର
ବଦନ ଗୋଟି   ନୁଆଇଁ ଗୁଣ୍ଠ ପରେ
          ବସିଲା ସାଁକୁଡ଼ି ।

Digitized by srujanika@gmail.com

କହିଲା ନାହିଁ, ବିରହ ବାଧା କଥା
ଡାକିଲେ ରସିକ,
"ଏପରି କିପାଁ ରହିଲ ତୁମ୍ଭେ ହୋଇ,
କହନା ଠିକ ଠିକ ।

ମୋହଠାରେ କି ସରମ ଚଳେ ପ୍ରିୟେ
ଏକା ପ୍ରାଣ ପରି—"
କହି ରସିକ ହଲାଇ ଦେଲେ ଟିକେ
ପ୍ରିୟା ମଥା ଝିଟି ।

ବହୁତ ବେଳେ ଭାଷିଲେ ନବବଧୂ
"କି କହିବି ନାଥ,
ତୁମର କଥା ବୁଝି ତ ନାହିଁ ପାରେ
ପଢ଼ିନି ମୁଁ ପାଠ ।"

ରସିକ ତହୁଁ ବୁଝାଇ ଦେଲେ ପୁଣି
"ବୁଝି କି ନ ପାର ?
ଏଇ ବିରହ ! — ଶ୍ୱେତରେ ଯା ନାସ୍ତି, ପ୍ରିୟ
ନ ଥିଲେ ତାହାର !"

କିଶୋରୀ ବଧୂ କହିଲେ, "ଆହା, ନାଥ
କିଛି ତ ନାହିଁ ଶ୍ୱେଗେ
ଯଦିବା ବାପ— ଘରରେ ଏଇଥର
ପଡ଼ିଲେ ବହୁ ରୋଗୀ ।

"ନାହିଁ ହେ ନାହିଁ ।···   ରୋଗ ସେ ନୁହେଁ,—ତେବେ,
ବଳଇ ରୋଗରୁ
ମଦନ ଖର   ଛୁଟାଇ ଶର ତାର
କାଟଇ ଭିତରୁ ।

ମୋଓଠ୍ କଥା···   କହନା ସଖି ଏବେ
ମନେ କି ପଡ଼ୁଥିଲି—"
କହିଲେ ବଧୂ,   "ସମସ୍ତ ନାହିଁ ଥାଏ
କାମ କଣ, ଖେଳ ।"

ଚମକି ପଡ଼ି   କହଇ ସେ ତରୁଣ,
"ଫେଲିଲ ବିରହେ !
ଏପରି କଥା   ଲେଖା ତ ନାହିଁ କାହିଁ
ପାଠ ନାହିଁ କହେ !

ବିରହେ ସିନା   କାନ୍ଦବାର ସଖି
ହୃଦୟ ବ୍ୟଥାରେ !
କାନ୍ଦନା କି   ମୋ ଲାଗି କେବେ ହାତ
ଦେଇଣ ମଥାରେ ?"

"ଏ କିବା କଥା"   କହିଲେ ନବ ନାରୀ
"ମଣିଷ କି କାନ୍ଦେ
କାରଣ ବିନା ?   ମନ ଘଟ୍ୟ ଯଦି
ନାହିଁ ଖସେ, କାନ୍ଦେ ?"

Digitized by srujanika@gmail.com

କହିବା ଆଉ ବେଶୀ ସେ ରସିକ
ନ ଭାବିଲେ ଭଲ
କନକଗଡ଼ା ବଦନଟିରେ ଖାଲି
ଚୁହାଁଲେ ବଲ ବଲ !

(ଲେଖାକାଳ ସମ୍ଭବତଃ ୧୯୩୨-୩୩ । କଲେଜ ପଢ଼ା ବେଳର ଏକ ବ୍ରାହ୍ମଣ ବନ୍ଧୁଙ୍କ ଅଭିଜ୍ଞତାରୁ ଏ କବିତାଟିର ଜନ୍ମ । ଅନ୍ୟ ଅଭିଜ୍ଞତାଦ୍ୱାରା ଅବଶ୍ୟ ଏହା ରସାଣିତ ହୋଇଛି । ସେ ବନ୍ଧୁ ଏବେ ଜଣେ ଉଚ୍ଚ ସରକାରୀ କର୍ମଚାରୀ ଏବଂ ସେହି ନାୟିକାଙ୍କୁ କେନ୍ଦ୍ର କରି ତାଙ୍କର ଏବେ ବିସ୍ତୀର୍ଣ୍ଣ ପରିବାର !)

Digitized by srujanika@gmail.com

ଉପେକ୍ଷିତା

[ଗୋଦାବରୀ କୂଳରେ ସୁରମ୍ୟ ଉପବନ । ତା' ମଧ୍ୟରେ ବିରାଟ ଓ ସୁଦୃଶ୍ୟ ସୌଧ । ଗୋଟିଏ କକ୍ଷରେ ରାଜକୁମାରୀ ସୂର୍ପଣଖା ବ୍ୟାକୁଳ ଭାବରେ ଗୋଟିଏ ପଲଙ୍କ ଉପରେ ଅର୍ଦ୍ଧଶାୟିତା ରହିଛି । ତା'ର ଅପୂର୍ବ ରୂପରାଶି, ଅଲୁଳାୟିତ କୁନ୍ତଳ ଓ ଶ୍ଳଥ ବସନଭୂଷଣ ମଧ୍ୟରୁ ଉଚ୍ଛୁଳି ପଡ଼ୁଛି । ଗବାକ୍ଷ-ପଥରେ ଅନାଇଲେ ଦୂର ବନକୋଳରେ ରାମଲକ୍ଷ୍ମଣଙ୍କର ପର୍ଣ୍ଣଶାଳା ଓ ତାର ଚାରିପାଖର ଜୀବଜନ୍ତୁ—ଗଛଲତାର ଅସ୍ପଷ୍ଟ ଛବି ଦେଖାଯାଉଛି । ସେ ସେହି ଆଡ଼କୁ ନିର୍ନିମେଷ ନୟନରେ ଅନାଇ ରହି ହୃଦୟର ଅବ୍ୟକ୍ତ ବେଦନାକୁ କବିତା ପ୍ରସାରରେ ଭସାଇ ଦେଉଛି ।]

ଚୂର୍ଣ୍ଣକର, ଚୂର୍ଣ୍ଣକର, ଭାଙ୍ଗ ଲୋ ସଖିଏ
ଏ ବିରାଟ ସୌଧଗୃହ, ଗବାକ୍ଷରୁ ଯା'ର
ଦୃଷ୍ଟିପଥେ ପଡ଼େ ରାମ-କାମିନୀ-କାନ୍ତ,
ଅହରହ ଦୁର୍ବିସହ ବିରହେ ଜଳାଇ
ହିୟା ମୋର । ପୋଡ଼ିଯାଏ ମନ ଲୋ ସଜନୀ,
ଦେଖିଣ— ଶ୍ରୀରାମ-ଅଙ୍ଗ-ଅନଙ୍ଗ-ସୌନ୍ଦର୍ଯ୍ୟ
ଲୋଟିବାର ଅଯତନେ କାନନେ କାନନେ
ଲୋକଚକ୍ଷୁ ଅନ୍ତରାଳେ, ଫିଙ୍ଗିଦେଇ ପୂଜା
କୋଟି କୋଟି ହୃଦୟର । ମାନେ କରିଲେ ଆଜ୍ଞା !
ଏ ରୂପେ, ଏ ଚୁକ୍ଷ-ଧୂର ଜଟାର ବହନ ?

Digitized by srujanika@gmail.com

ଏ ମଳିନ ଅଚିକ୍କଣ ବୃକ୍ଷର ବଲ୍କଳ
ଷାଳେ କଲେ ଏଡ଼େ ସ୍ନିଗ୍ଧ-ମଧୁର ଅଙ୍ଗକୁ ?
କେଉଁ ନାରୀ ସମ୍ଭବ ଲୋ ଦେଖି ବୁଲିବାର
ଏମନ୍ତ ଗାନ୍ଧର୍ବ ରୂପ ସୁନ୍ଦର ପୁରୁଷେ
କାନନ-ଶବର ପରି ବନ ପଥେ ପଥେ
ହୀନ ମୃଗୟାରେ ମାତି ପେଟ ପୂର୍ତ୍ତି ପାଇଁ ?

ସନ୍ଧ୍ୟାର କନକ-କାନ୍ତି ଲିଭିଯାଏ ଯେବେ
ଦୂର ବନମାଳ ଚୁମ୍ବି ବାରୁଣୀ-ଗଗନେ,
ଘୁସିଆସେ ଧୀରେ ଧୀରେ ନବବଧୂ ପରି
ରଜନୀ-ରମଣୀ, ତା'ର ବଦନ ଘୋଡ଼ାଇ
ଲଜ୍ଜାଭରେ କୃଷ୍ଣାଞ୍ଚଳେ, ତେବେ ଲୋ ସଙ୍ଗିନି,
ଜଗତେ ତୁଅନ୍ତା ଯିବା ଏମନ୍ତ ପୁରୁଷେ
ଭେଟିବାର, ପାରିଜାତ ପୁଷ୍ପହାର ଗନ୍ଥି
ଲମ୍ବାଇ ବିଶାଳ ଗଳେ, ବସାଇ ଆଦରେ
କୋମଳ ହଂସତୂଳ ସେଜେ, କର୍ପୂର-ଛୁରିତ,
ଚୁମ୍ବିବା ଚରଣ ତା'ର ସନ୍ତସାସ ବସି,
ଶୁଣିବା ନୀରବେ, ତା'ର ହୃଦୟର ଗାଥା !
କି ମହା ଜୀବନ ବନ୍ଦେ କି ଅମୃତ ଧରି
ସେ ସୁନ୍ଦର-ସ୍ନିଗ୍ଧ ଶ୍ୟାମ ଆବରଣ ତଳେ,
ଯାହାର ପରଶ ଲଭି ରୁକ୍ଷ ବନ ଗିରି
ଉଲ୍ଲସି ଉଠନ୍ତି ସଖି, ହୁଏ ପୁଲକିତ

Digitized by srujanika@gmail.com

ମେଦୁର-ମୃଦ୍ଦର ଦେଖି ମାପ-ପୃଷ୍ଠ ଯଥା ।
କିନ୍ତୁ ଆହା, ଦେଖିଛ ତ ଶ୍ରୀରାମର ଦଶା
ଏ କାନନେ ? ଦିନ ଶେଷେ ଫେରି ମୃଗୟାରୁ
ବନ୍ଧୁର-କଠିନ-ଧରା ଆଶ୍ରୟ ତାଙ୍କର;
ଶୁଷ୍କ-ଶାଖା ଉପାଧାନ, ପଲ୍ଲବ ବ୍ୟଜନ,
ଦଗ୍ଧ ମାଂସ, ରୁକ୍ଷମୂଳ ହୁଅଇ ଆହାର !
କେତେ କଷ୍ଟ ସତେ ସଖି ! ଏତେ ଦେବତାରେ
ଏପରି ପୂଜା କି କେହି ଦେଇପାରେ ଭବେ ?

ଉନ୍ନତ ସୁସଭ୍ୟ ବୋଲି ବୋଲାନ୍ତି ଜଗତେ
ଏ ଆର୍ଯ୍ୟସନ୍ତତି ସବୁ, ଘୃଣା କରି ତାର
ରକ୍ଷଃକୁଳେ ନରଦ୍ୱେଷୀ ବର୍ବର କୁହାଇ,
କାହିଁ ଲୋ ସେ ସୁସଭ୍ୟତା, ଉଦାର ହୃଦୟ ?

ପଠାଇ ଶ୍ରୀରାମ ପରି ସୁକାନ୍ତ ପୁରୁଷେ
ଘୋର ଅରଣ୍ୟାନୀ କୋଳେ, ବ୍ୟାଘ୍ର ସିଂହ ସାଥେ
ତାର କଷ୍ଟଲବ୍ଧ ଧନ ଯାପିବାର ପାଇଁ
ସୁଖେ ଶୋଇ ଅଯୋଧ୍ୟାରେ ବିଳାସର କୋଳେ
ଯାପଇ ଜୀବନ ଯେହୁ, ସେ କି କେବେ ସଖି
ହୋଇପାରେ ସଭ୍ୟ ଭଦ୍ର ? କେଉଁ ଗୁଣେ ସେ ଗୋ
ନିଜେ ନିଜେ ରକ୍ଷକୁଳୁ ମହତ୍ତର ବୋଲି
ମଣନ୍ତି ଜାଣେନା ମୁହିଁ । ଧିକ୍ ସେ କୈକେୟୀ !
କି ହୃଦୟେ ସେ ନିଷ୍ଠୁର ମନ୍ତ୍ରିଲା ଗୁପତେ
ପ୍ରେରିଣ ବୃଦ୍ଧ ରଜାକାନେ ପେଷିବାକୁ ବନେ
ରାମ ପରି ସୁପୁତ୍ରରେ । ଧିକ୍ ସେ କୌଶଲ୍ୟା !

Digitized by srujanika@gmail.com

କେଉଁ ଗୁଣେ ପାଟରାଣୀ ବୋଲାଉଛୁ ସେ ଲୋ
ପଠାଇ ଅବାଧେ ପୁତ୍ର, ପୁତ୍ରବଧୂ ବନେ
—ବାର୍ଦ୍ଧକ୍ୟର ଏକମାତ୍ର ଆନନ୍ଦ ସମ୍ବଳ,
ଜୀବନ ଧରି ଯା ଅଛୁ ଅଯୋଧ୍ୟା ନଗରେ !
ମୁଁ କିନ୍ତୁ ସଜନି ! ଆଉ ନ ପାରିବି ସହି,
ନାରୀର ହୃଦୟ ମୋର କୋମଳ କରୁଣ
ଏମନ୍ତ ଦାରୁଣ-ଦୃଶ୍ୟେ ଫାଟିଯାଏ ସତେ !
ଶ୍ରାବଣେ ପ୍ରତ୍ୟକ୍ଷେ ଦେଖି କୁଟୀର-ନିବାସୀ
ଏପରି ପ୍ରାସାଦ-କକ୍ଷେ କରିବାକୁ ବାସ
ବାସନା ମୋ ନାହିଁ ଟିକେ, ଭାଙ୍ଗିଦିଅ ସଖି
ଏ ବିରାଟ ସୌଧଗୃହ, କରି ଧୂଳିସାତ
ଚୈତ୍ରରଥୋପମ ମମ ଏହି ଉପବନ ।

କହ ବସନ୍ତରେ ଫେରିଯାଉ ସ୍ୱର୍ଗପୁରେ,
କି ଲଭ ତହିଁରେ ଅଉ, ମ ଧବ-ନିଶୀଥେ
ନିଶାକାନ୍ତ କାନ୍ତ-କରେ ଶାନ୍ତ ବନାନ୍ତରୁ
ଥରେ ଟରେ ଭାସି ଯେବେ ଆସିବ କରୁଣେ
ଚକ୍ରବାକୀ ଆର୍ତ୍ତନାଦ, କୁଞ୍ଜେ କୁଞ୍ଜେ ରହି
ସୁକେଳି-ଉନ୍ମାଦ୍ର ଯେବେ ଛାଡ଼ିବ କୋକିଳ
ପ୍ରମୋଦ-ଗଦ୍‌ଗଦ୍ ଗୀତି, ବୃନ୍ତେ ବୃନ୍ତେ ଯେବେ
ହସିବେ ମଧୁର ହାସ୍ୟ କୌମୁଦୀ ଚୁମ୍ବନେ
ପୁଷ୍ପାଙ୍ଗନା ସୁଯୌବନା, ପ୍ରାସାଦ-ବନ୍ଦିନୀ
ବ୍ୟାକୁଳେ ଡାକିବ ଯେବେ ବନପାରେ ଗୃହିଁ
ସ୍ୱପ୍ନ-ଚଢ଼ି ନେତ୍ରଯୁଗେ ନିଜ ପ୍ରେୟସୀରେ,

Digitized by srujanika@gmail.com

କେମନ୍ତେ ବଞ୍ଚିବ କହ ସେକାଳେ ସଜନ,
ଏ ବିରହ ହୃଦେ ଧରି, ଆଣି ସ୍ମୃତି-ପଥେ
ଶ୍ରୀରାମର ରୂପରାଶି ଭୁବନ-ମୋହନ !
ଛାଡ଼ିଲି ସେ ଆଶା ସଖି, ନାହିଁ ଆଉ ବାଞ୍ଛା
ଶ୍ରୀରାମ ସଙ୍ଗତେ ସୁଖେ ବୁଲି କୁଞ୍ଜେ କୁଞ୍ଜେ
ଯାପିବାର ଶରତର ମଧୁର ମଧ୍ୟାହ୍ନ ।
ଭାବଥିଲି, ଗୋଦାବରୀ-ତୀରସ୍ଥ ନିକୁଞ୍ଜେ
ଚିରଦିନ ପାରି ଦେଇ ଅଂଶୁକ ଅଞ୍ଚଳ
ନବସ-ଯୌବନେ ସଖି, ମୃଗୟା-ନିବୃତ୍ତ
ରାମରେ ଶୁଆଇ ତହିଁ ସେବୁଥାନ୍ତି ପଦ;
ତଟିନୀ-ତରଙ୍ଗ-ବାତେ ଶିରମଣି ଖେଦ
ହେଉଥାନ୍ତା ଅପଗତ; ଏ ପାଚିର ବନ୍ଧୁ
ଆସୁଥାନ୍ତା ଭାସି ସ୍ୱପ୍ନ-ମଦିରା ବୁହାଇ
ଅଶୋକ-କେତକୀ ଗନ୍ଧ, ଭାସୁଥାନ୍ତେ ସୁଖେ
କେଲି-କେଲି-ଚକ୍ରବାକ-ସାରସ ଦମ୍ପତି
ଲହରୀର ପରେ ପରେ; ଜଗାଇ ହୃଦୟେ
ସୁଗୋପନେ ପ୍ରଣୟର ଅଥୟ ତରଙ୍ଗ —
ଉଡ଼ୁ, ଡାକୁ ଝାଡ଼ିଦେଇ ମୌନ-ପୃଷ୍ଠବରଣ
ଥରେ ଥରେ ଜନମାଇ ମର୍ମର-ସଙ୍ଗୀତ
ମଧ୍ୟାହ୍ନ ଉଲ୍ଲୋଳ ବାୟୁ ଦେଉଥାନ୍ତା ଯେହ୍ନ
ବକ୍ଷେ ବକ୍ଷେ ପ୍ରଣୟର ଅମୃତ ସଙ୍କେତ !

ଅଥବା ସେ କେଉଁ ପ୍ରାତେ ବାଳାରୁଣ କରେ
ରକ୍ତପାଟ ପିନ୍ଧି ଯେବେ ପ୍ରକୃତି-ସୁନ୍ଦରୀ

Digitized by srujanika@gmail.com

ହସନ୍ତେ କୋମଳ ସ୍ମିତ, ବୃନ୍ତେ ବୃନ୍ତେ ରଶ୍ମି
ଶିଶିର ଚୁମ୍ବନ ଢାଳେ ଫୁଟନ୍ତେ ସୁମନ,
କୁଳଯୁ ଉଠନ୍ତେ ଗାଇ ଆଦ୍ୟ ବ୍ୟଥାଗୀତି
ବିହଗ-ପ୍ରଣୟୀ-ଯୁଗ, ଚଞ୍ଚୁ ଚଞ୍ଚୁ ଭରେ
ପରସ୍ପରେ ଦେଇ ଦୁଃଖେ ଅଶାନ୍ତ ଚୁମ୍ବନ,
ହରିଣ-ହରିଣୀ ଯେବେ ଗ୍ରୀବା ପୁଚ୍ଛ ଟେକି
ଲମ୍ଫନ୍ତେ କାନନ ଘାଟେ ସ୍ପର୍ଶି କରେ ଲଭି
ଜୀବନର ଅନୁଭୂତି, ବାହାରନ୍ତେ ରାମ
ଶରଚାପ ସ୍କନ୍ଧେ ରଖି ପାରଧି ବ୍ୟସନେ
ବିଶାଳ-ସୁଶ୍ୟାମଳ ବପୁ ଝଳକୁଥାନ୍ତା ରଙ୍ଗେ
କନକ ପରଶ ଲଭି ବାଳ ଅରୁଣର,
ସେକାଳେ ଲୋ ସଖି ମନେ ଭାବିଥିଲି ଶୁଣି
ଗୋଦାବରୀ-ବେଣୀ ସ୍ନାତ କୁନ୍ତଳ ଲମ୍ବାଇ
ଶୁଭ୍ର ପୂତ ବୃକ୍ଷ ଛାଲେ ଆବରି ମୋ ଅଙ୍ଗ
ହସ୍ତେ ଧରି ହେମଥାଳେ ସ୍ୱହସ୍ତ-ଗ୍ରଥିତ
ପୁଷ୍ପମାଳା, ପାଦ୍ୟଅର୍ଘ୍ୟ ଚନ୍ଦନ ଅଗୁରୁ,
ପୂଜାରିଣୀ ବେଶେ ଯାଇ ହୁଅନ୍ତି ମୁଁ ଉଭା
ଶ୍ରୀରାମର ପଦପ୍ରାନ୍ତେ, ପୂଜନ୍ତି ଯତନେ
ନୟନର ଅଶ୍ରୁଜଳେ ପଖାଳି ସେ ପାଦ,
କରୁଣ-ହୃଦୟ ବୀର ତୋଳିଥାନ୍ତେ ପର
ଏ ଦୀନାରେ ବକ୍ଷ ଦେଶେ, ସେ ପରଶ ପାଇ
ଏ ଜୀବନେ ମଣିଥାନ୍ତି କୃତକୃତ୍ୟ ଭବେ ।

Digitized by srujanika@gmail.com

ନାହିଁ ତ ସେ ଆଶା ଆଜ, ଯାଇଛୁ ଲେ ସବୁ
କି ଲଭ ଏ ସୌଧ-ସୁଖେ, ଭାଙ୍ଗିଦିଅ ବେଗେ
ଏ ବିରାଟ ସୌଧ-ଗୃହ, ରମ୍ୟ ଉପବନ,
ଫିଙ୍ଗିଦିଅ ଗୋଦାବରୀ-ଗଭୀର ଉଦରେ
ଅଛି ଯେତେ ମଣିମୟ ସିନ୍ଧୁକ, ମଞ୍ଜୁଷା,
ଯେତେକ ବସନ-ଭୂଷା,—ବିଳାସସାମଗ୍ରୀ ।
ନିଅ ଏ କୁଞ୍ଚିକା ସଖି, କାଢ଼ି ଥୁଅ ଆଗେ,
ଶଚୀପତି ଉପହାର ବୈଦୁର୍ଯ୍ୟଖଚିତ
ସେ ବିପୁଳ ହାରଗୋଟି, ସେ କିରୀଟ ମମ
ସୁଧାଂଶୁ ଯା ଦେଇଥିଲେ ପ୍ରୀତିଭରେ ମୋତେ
ଶେଷ ଆଗମନ କାଳେ ରକ୍ଷଃପତି ଦୁର୍ଗେ;
ଆଉ ସେ ବଳୟ ଦୁଇ,—ପ୍ରଚେତା-ମହିଷୀ
ସ୍ୱାମୀ-ମାନରକ୍ଷା ପାଇଁ ଅର୍ପିଥିଲେ ଯାହା
ଭ୍ରାତୃକରେ; ଆଣ ପୁଣି ଜଳଦ-ଡମ୍ବର
ମହାଶାଢ଼ୀ, ଜଳଦର ପ୍ରେମମୟୀ ପତ୍ନୀ
ଶମ୍ପା ସଙ୍ଗେ ସଖୀ ହୋଇ ପ୍ରୀତି ଚିହ୍ନରୂପେ
ପାଇଥିଲି ଯାହା; ଶେଷେ ଚନ୍ଦ୍ରଚୂଡ଼ ଯୋଡ଼
ନିଜ ଭାଇଙ୍କର ମତେ ସ୍ନେହ ଦାନ ଯାହା,
ଆଣ ସବୁ, ରାଶିକୃତ କର ମୋର ଆଗେ,
ପଦାଘାତ କରି ଚୂର୍ଣ୍ଣ କରିଦିଏ କ୍ଷଣେ
ଫିଙ୍ଗିଦିଅ ନଦୀଗର୍ଭେ, ବୁଝିଛୁ ଲେ ସଖି,
ଧନରତ୍ନେ ଶମିବାର ନୁହେଁ ହୃଦବ୍ୟଥା,
କି ଲଭ ତେବେ ଗୋ ଏତେ ମହାର୍ଘ-ଭୂଷଣେ ?
ଏସନ ବିଳାସମୟ ଜୀବନ ଯାପନେ ?

Digitized by srujanika@gmail.com

ଲେଉଡ଼ା ନାହିଁ ଏ ଜୀବନ, ଜନ୍ମ ବସନ୍ତରେ
ଫେରିଯାଉ ନିଜ ପୁରେ, ଯେବେଯାଏ ସଙ୍ଗେ
ମଳୟ ତା ପ୍ରାଣସଖା, ନ ଫୁଟୁ ଲେ ଆଜି
ନଦୀଧାରେ କଣ୍ଟକିତ—ନିକୁଞ୍ଜେ କେତକୀ
ଅନ୍ଧ କରି ଗନ୍ଧମୟ ରେଣୁରେ ତାହାର
ରକ୍ଷ ସୁବର୍ଣ୍ଣରେ, ଆଜି ନ ଫୁଟୁ ଅଶୋକ
ମୋ ଚରଣ ଅରୁଣିମା—ପ୍ରତିଯୋଗୀ ହୋଇ,
ଶୁଖିଯାଉ ଚିରଶ୍ୟାମ ଶାଦ୍ୱଲ ବିତାନ
ବୈଶାଖର ଖର ତାପେ, ଅଦିନେ ଜଳଦ
ସିଞ୍ଚିବ କିପାଇଁ ଆଜି ଶୀତଳ ଶୀକର ?

ମୌନେ ମୌନେ ପତ୍ର ପୁଷ୍ପେ ପଡ଼ୁ ଲେ ଗୋପନେ
ମରଣର କୃଷ୍ଣଛାୟା, ଡାଳେ ଡାଳେ ରଶ୍ମି
ମଣ୍ଡଳ ପଡ଼ନ୍ତୁ ସବୁ; ପ୍ରମୋଦ ପିପାସା
ଶୂନ୍ୟ ହୋଇ ମିଶିଯାଉ ପ୍ରଭଞ୍ଜନ ସଙ୍ଗେ,
ମୌନ ଅଭିଶାପ ତୋଟି ମିଳାଇ ଆକାଶେ
ଗୋଟି ଗୋଟି ଲଭନ୍ତୁ ଲେ ଧରଣୀ ଆଶ୍ରୟ !
ଆଜି କେଉଁ ଉପବନେ ଯାଅ ସେ କୋକିଳ
ପ୍ରେୟସୀରେ ଦେବ ତାର, ସହକାର ଯହିଁ
ନବ ବଉଳିତ-ଶିରେ ହୋଇଅଛି ଉଚ୍ଚ,
ଯାଉ ସେ ଟେଣେଇ, ଆଜି ଯହିଁ ପୁଷ୍ପ ସଙ୍ଗେ
କୌମୁଦୀ ଖେଳୁଛି ନିତ୍ୟ ପ୍ରଣୟର କ୍ରୀଡ଼ା ।
ଯାଆନ୍ତୁ ସଭିଏ ସଙ୍ଗୀ, ନିଜେ ଶୋଭା-ଲକ୍ଷ୍ମୀ

Digitized by srujanika@gmail.com

ଅଭିମାନେ ଯାନ୍ତୁ ଫେରି; ସୁଷମାରେ ମୋର
କି ଲଭ ସଜନ ? ମୋର ବିଳାସେ କି ଲୋଡ଼ା ?

ଧନରତ୍ନେ ଜନ୍ମ ମୋର, ସ୍ୱର୍ଣ୍ଣ ମାଳା ପରେ
ଯାପିଲି ଜୀବନ ସାରା, ଭୁଞ୍ଜିଛି ଲୋ ସଖି,
ମଣି ମାଣିକ୍ୟର ମୂଲ୍ୟ,—ଅପାର ଝଟକେ
ବାନ୍ଧିଥାନ୍ତି ଲୋକ-ଚକ୍ଷୁ; ଭୁଲିବି ମୁଁ ତହିଁ
କେଉଁ ଆଣେ ! ଆଜ ମନେ ଗୋଟି ଗୋଟି ହୋଇ
ଭସିଯାଏ ଅତୀତର ଜୀବନ-କାହାଣୀ,
ପୋଡ଼ୁଛ ଏ ବକ୍ଷ ମୋର,—କି ଜୀବନ ସତେ !
—ବ୍ୟର୍ଥତାର ହତାଶାର ମହାସ୍ତୂପ ସିନା !
ରାଜକୁଳେ ଜନ୍ମ ମୋର, ମୋ ଭାଇ ରାବଣ—
ଅତୀତେ ଉଦ୍ଭବେ ବଂଶେ, ଅଦ୍ୱିତୀୟ ଯାର
ରାଜପଣ । ମନେ ମନେ ଭାବିବ ସଂସାର
ମୋ ଭଳି ଦୁଲଣୀ କନ୍ୟା ନାହିଁଛି ଭୁବନେ,
କିନ୍ତୁ ସତେ ବିପରୀତ କେତେଡ଼େ ମୋ ଜୀବନ !

କୈଶୋର ମୋହର ଶୁନି ଶୁନ୍ୟରେ ସଖିଏ
କଟାଇଲି ଶାନ୍ତିପୂତ ଋଷି ତପୋବନେ,
ପିତାଙ୍କ ଜଗତ-ଶ୍ରୁତ ସାଧନ ଆଶ୍ରମେ ।
ଋଷିକନ୍ୟା ଋଷିପୁତ୍ର ମେଳେ ମୋ ଜୀବନ
ଗିରି ତରଙ୍ଗିଣୀ ପରି ଯାଉଥିଲା ବହି
ଅନନ୍ତ ଆମୋଦ ଧରି ଅସୀମ ପ୍ରଣୟେ,

Digitized by srujanika@gmail.com

ବନେ ବନେ କୁଞ୍ଜେ କୁଞ୍ଜେ ବୃକ୍ଷଲତା କୋଳେ
କନ୍ଦରେ କନ୍ଦରେ, ନୀଳ ଆକାଶର ତଳେ
ବକ୍ଷେ, ବକ୍ଷେ ଚିରଶ୍ୟାମ କାନନ ଭୂମିର
ଏ ମୁକ୍ତ ମଳୟ ପରି ଯାଉଥିଲି ଚୁମ୍ବି
ପୁଷ୍ପେ ପୁଷ୍ପେ ପତ୍ରେ ପତ୍ରେ, ସନ୍ଦଗନ୍ଧ ସଙ୍ଗେ
ଲୋଟି ଯାଉଥିଲି ମୁଁ ସେ କାନନେ କାନନେ ।
କି ଥିଲା ବାସନା ମମ ? କି ଆଶା ମୋହର !
ମୋଦ ଦେଇ ଅନ୍ୟ ପ୍ରାଣେ, ସଜଫୁଲ ପରି
ହସି ହସି ଦୁଇ ଦିନ ସୂର୍ଯ୍ୟାଲୋକ ତଳେ—
ମିଶାଇ ବାୟୁର ଅଙ୍ଗେ ସ୍ୱଅଙ୍ଗ ସୁରଭି
ଧୂଳିରେ ମିଶିବା ଶେଷେ, ଏ ଥିଲା ହୃଦୟେ
ଏକାନ୍ତ ବାସନା ମମ । କିନ୍ତୁ ଲୋ ସଜନି !
ମନେ ମନେ ସେ ଆଶାରେ ଦେଇଛି ମୁଁ ଚପି,
ବିଧାତାର ଇଚ୍ଛା ତାହା, କେଉଁ ପାପ ଫଳେ
ଚିରକାଳ ଏ ଜୀବନେ ଲଗିଛି ବ୍ୟର୍ଥତା !

ଏକଦା ସେ ତପୋବନେ ଦେଲେ ଦର୍ଶନ
ସୁକାନ୍ତ କିଶୋର ମୂର୍ତ୍ତି; ଅଧ୍ୟୟନ ଆବେଶ
ପିତୃ ପଦତଳେ ବସି, ନୀଳକାନ୍ତ ଶିଖି ।
ଆୟତ ଲୋଚନଯୁଗ, ଉନ୍ନତ ନାସିକା
କୁଞ୍ଚିତ ସୁକେଶ ଦାମ ଲମ୍ବିଥାଏ ସ୍କନ୍ଧେ
ଅପତନେ, ତୀବ୍ର ଦୃପ୍ତ ଚକ୍ଷୁର ଚାହାଣୀ,
ଥରେ ଦେଖି ଭୁଲିବାର ଅସମ୍ଭବ ସଖି !
କେଶରୀ-ବିକ୍ରମ ଠାଣି, ଆରକ୍ତ-ଚରଣ

Digitized by srujanika@gmail.com

ଧୀରେ କ୍ଷେପି ଚାଲୁଥିଲେ, ରହୁଥିବେ ଚାହିଁ
ପଥର ପଥିକ ବ୍ରଜ, ଧୂସର-ବଲ୍କଳ
ଅଙ୍ଗକୁ କି ସାଜେ ସେ ଲୋ, ନବୀନ ଜଳଦେ
ଜଡ଼ିଛି ଚପଳା ସେ କି ଅଚପଳ ହୋଇ !
ପ୍ରଥମେ କଭୁ ଲୋ ସଖି ଦୁସ୍ତୋଷରେ ସୁଦ୍ଧା
ଚାହୁଁ ମୁଁ ନ ଥାଏ ତାଙ୍କ ସୁନ୍ଦର ବଦନେ ।
ଗୁରୁକନ୍ୟା ବୋଲି ବଡ଼ ଦମ୍ଭେ ବୁଲୁଥାଏ
ସାଙ୍ଗ ସଖୀ ମେଳେ, ଭାବି, ଭବେ ମୋ ସମାନ
ନାହାନ୍ତି କେ, ମୁଁ କାହିଁକି କାହା ପଦ ପାଶେ
ଠିଆହେବି ପ୍ରୀତି ପାଇଁ ? ମୋର ପ୍ରୀତି ଲାଗି
ଧାଇଁବ ଜଗତ ସିନା ! ସୁଶୀଳ-କିଶୋର
ଠିଆହୋଇ କେଉଁ ବୃକ୍ଷଗୁଳ୍ମ ତଳେ ଧୀରେ
ଶାନ୍ତ ସୌମ୍ୟ ଦୃଷ୍ଟି ଦେଇ ମୋହ କ୍ରୀଡ଼ାପରେ
ରହୁଥିବେ ନିର୍ବିକାର, ମୁଁ କିନ୍ତୁ ଦାମ୍ଭିକ
ନ ଚାହିଁ ନିମେଷ ପାଇଁ ଅନ୍ୟ ଅଭିମାନେ
ଯାଏ ଫେରି, ମିଶିଯାଏ ବୃକ୍ଷଲତା କୋଳେ
ମିଶିଯାଏ ସଙ୍ଗିମାଙ୍କ ପୀରତି ସୋହାଗେ ।

ଏହିପରି ଗଲା ବହୁ ତରଳ ପରଶେ
କୈଶୋରର ଦିନମାନ । ସେଦିନ ପୂର୍ଣ୍ଣିମା
ଆସିଛି ସେ ତପୋବନେ ସ୍ୱର୍ଗଶୋଭା ଧରି !
ଚନ୍ଦ୍ରକାର ମଧୁକ୍ରୀଡ଼ା ଲଗାଇଛି ଯାଦୁ
କାନନର ଅଂଶେ ଅଂଶେ; ଆଶ୍ରମ ତଟିନୀ
ଫୁଲ୍ଲ ଫୁଲି ଉଠି ବେଗେ ବହୁଛି ଭସାଇ

ବର୍ଷେ ବର୍ଷେ କୌମୁଦୀର ନୃତ୍ୟମାନ ଲୀଳା,
ଫୁଟିଛି ଅସଂଖ୍ୟ ଫୁଲ, ଅଧର ମେଲାଇ
ବୃକ୍ଷେ ବୃକ୍ଷେ ଡାଳେ ଡାଳେ, ସ୍ୱପ୍ନାଭର ଥରେ
ଚନ୍ଦ୍ରିକା ପିଇବା ଆଶେ । ତପୋବନେ ସେତେ
ବାଳକ ବାଳିକା ସର୍ବେ ମାତିଛୁ ସେଦିନ
ମହୋତ୍ସବେ, ନିଜେ ନିଜେ ରଜାରାଣୀ ହୋଇ,
ଆରମ୍ଭିଲୁ ଅଭିଷେକ, ରାଣୀ କରି ମୋତେ
ବନ୍ଦିଲେ ପ୍ରଥମେ ସର୍ବେ ଫୁଲ ଫଳ ଦେଇ,
ସେ ଯାହାର ଉପହାର ଯତନେ ସଂପାଦି
ଢାଳିଲେ ମୋ ପଦତଳେ । ଅନ୍ଧାରରୁ ଉଠି
ଧୀରେ ଧୀରେ ସେ କିଶୋର ସମସ୍ତଙ୍କ ଶେଷେ
କହିଲେ ଥରାଇ ଓଷ୍ଠ, "ନେବନି କି ମୋର
ଏ ମାଳଟି ?" ନ ଦେଇଣ ଅବକାଶ ମୋତେ
ସମ୍ମତି ପ୍ରଦାନ ପାଇଁ, ଲମ୍ବାଇଲେ ଗଳେ
ନିଜ ହସ୍ତେ ପୁଷ୍ପମାଳା, ସେ ନୟନଭଙ୍ଗି
ସେ ମଧୁର ପ୍ରୀତିମୟ ବଚନର ଧାରା,
ବଦନେ ସେ ସରଳତା—ଜିଣିଲା ହୃଦୟ !
ସହସା ବକ୍ଷରେ ମୋର ବାଜିଲା ଦାରୁଣେ
ପୂର୍ବ ଅନପେକ୍ଷା ପାଇଁ ତୀବ୍ର ଅନୁତାପ ।

ନିଜ ହୃଦ ନିଜେ ମୋତେ ଜିଜ୍ଞାସିଲା ସଖି !
କିପାଇଁ ମୁଁ ନ ରଖିଛି କିଶୋର ବକ୍ଷର
ସେ ବିପୁଳ ପ୍ରେମଦାନ ! ସେହିଦିନୁ ପ୍ରାଣେ
ଜାଗିଲା ପ୍ରଣୟ-ଶିଖା, ସବୁ ସାଥି ମେଳେ

Digitized by srujanika@gmail.com

ତାହାର ପ୍ରାଣର ଖାଲି ଶୁଭିଲା ମୁରଲୀ ।
ସେ ମୁରଲୀ ଅନୁସରି ଧାଇଁଲି ସତତ ।
କ୍ରମେ କ୍ରମେ ପରସ୍ପରେ କଲୁ ଆପଣାର,
ଆରେକ ଭାବିଲା ବସି ଅନ୍ୟ କଥାମାନ
ନିର୍ବେଦ ଗାଇବେ, ଅବା ନିରଜନେ କାହିଁ
ବକୁଳ ତଳରେ ଥୋଇ ମୋ କୋଳରେ ଶିର
ନିର୍ନିମେଷେ ଚୁମ୍ବିଥାଉ ଅଧରେ ଅଧରେ ।
ଆନ ସଖୀ ସଙ୍ଗ ଛାଡ଼ି ସେ କିଶୋର ସଙ୍ଗେ
ଭ୍ରମିଲି କ୍ରମେ ମୁଁ ସଦା, ଅଧ୍ୟୟନ ବେଳେ
ପଢ଼ନ୍ତି ସେ ଦୃଷ୍ଟି ରଖି ଗ୍ରନ୍ଥ ପତ୍ରେ ପତ୍ରେ
ତାଙ୍କ ପଦତଳେ ଶୋଇ ଚୁମ୍ବିଥାଏ ମୁହିଁ
ସେ କୋମଳ ମୁଖଖଣ୍ଡି । ମଧ୍ୟାହ୍ନ ଆଗମେ
ତପୋଭୂମି ପ୍ରାନ୍ତେ ଯାଇ ଚରଉ ଗୋଧନ
ବକଳ ଉତ୍ତରୀ ପାରି ସହକାର ଗୁଲ୍ମେ
ବସି, ମୁଖେ ବଂଶୀ ବାଉ, ପାଗଳ ପବନ
ରନ୍ଧ୍ରେ ରନ୍ଧ୍ରେ କରେ କ୍ରୀଡ଼ା ! ଅବା କେତେବେଳେ
କାନନ ପଲ୍ଲବ ତୋଳି ଅରବିନ୍ଦରାଜି
ମାଳା ଗୁନ୍ଥି ମୋ ଗଳାରେ ଦିଅନ୍ତ ଲମ୍ବାଇ
ଗଣି ବୋଲି ଉଚ୍ଚେ ଧ୍ୱନି, କମ୍ପାଇ କାନନ
ତାଳି ମାରି; ପୁଣି ମୃଦେ ଉତ୍ପଳ କେଶର
ଯତନେ ନଖରେ ଦୁହେଁ କୁଆଉଁ ଦୁହିଁରେ ।

ସନ୍ଧ୍ୟାଗମେ ଫେରିଆସୁ ଗୋଧନ ବୁଲାଇ,
ପଥପାକ ଦେଖୁଥାଏ ଖାଲି ମୁଁ ନିରେଖି—

Digitized by srujanika@gmail.com

କେମନ୍ତେ ହଜାନ୍ତେ ରତ୍ନ ହେମ ରପାଣରେ
ଝଳ ଉଠୁଥାଏ ସେହ୍ନ ସୁନ୍ଦର ବଦନ ।
ନିଶାଗମେ ଏକଶଯ୍ୟା ଆଶ୍ରି ଦୁହେଁ ପୁଣି
ଯାପି ନେଉ କାଳ ସୁଖେ, ହୁଏ ନାହିଁ ନିଦ—
କହନ୍ତି ସେ ନାନା କଥା—ଦେବ ଦେବୀ ପ୍ରେମ,
ଯକ୍ଷପୁରେ ବର୍ଷାକାଳେ ପ୍ରେମିକର ଦଶା,
ବିଦ୍ୟୁତର ନିତ୍ୟପ୍ରୀତି ଜାତ ହେଲା କେହ୍ନେ
ଜଳଦରେ, କମ୍ପା ରବ ସରଗ ଭୁବନେ
କାହାର ପ୍ରଣୟ ପାଶେ ନ ଦେଇଣ ଧରା
ପଦ୍ମାର କି ଆଦରେ ବାନ୍ଧଲେ ନଳକୁ—
ଆହୁର ଅସଂଖ୍ୟ କଥା, କହୁଥାନ୍ତି ସେହୁ—
ଉନ୍ନିଦ୍ରେ ମୁଁ ଶୁଣୁଥାଏ । ଶୁଣୁ ଶୁଣୁ ସଖି !
ଯାହିଯାଏ ଯାଗରତି, ତାଙ୍କ ବକ୍ଷେ ରଖି
ମୋ କିଶୋର ମଥା ଗୋଟି ଶୋଇପଡ଼େ ଶେଷେ ।

ଏହିପରି ଗଲା ବନ୍ଧୁ ମୋ କୈଶୋର କାଳ;
ଉନ୍ମୁଖ କୋରକବତ ପବନେ ଦୋହଲି
ଆସିଲା ଯୌବନ ହଠେ, ସେଦିନ ସହସା
ଚମକିଲି ନିଜେ ଦେଖି ନିଜେ ମୁଁ ସଜନି,
ଚମକଇ ଯଥା ମେଘ ଆଦ୍ୟ ଆଷାଢ଼ରେ
ନିଜ ଅଙ୍ଗେ ଦେଖି ଶମ୍ପା କନକ-ନର୍ତ୍ତନ ।
ପୂଜାର ନୈବେଦ୍ୟ ରୂପେ ପୀନ ପୟୋଧର
ଉରସେ ଉଠିଲା ସଖି । ଯତନେ ସାଇତି
ରଖିବାକୁ, ସେ-ଅବଧି-ମୁକ୍ତ-ଅଞ୍ଚଳକୁ

ଆଣିଲି ଟାଣି ମୁଁ ବକ୍ଷେ । ଅଙ୍ଗେ ଅଙ୍ଗେ ମୋର
ଗୋପନେ ଫୁଟିଲା ଝଳ, ପ୍ରତି ପ୍ରଭାତରେ
ବଢ଼ିଲା ମୋ ଶୀତ-ଶୋଭା, ନିଶାନ୍ତ ଶିଶିରେ
ଅବଗାହି ପୁଷ୍ପକାନ୍ତି ବଢ଼ିଥାଏ ଯଥା ।
ତରଳ-ଚଞ୍ଚଳ ଦୃଷ୍ଟି ହୋଇଲା ସଂଯତ,
ଉଚ୍ଛ୍ୱାସ-ଶରୀର ଯଷ୍ଟି ହେଲା କ୍ରମେ କ୍ରମେ
ଅତି ଗୁରୁ, ଅଧରରେ କିଶୋରୀ-କନ୍ୟାର
ସେ ସରଳ-ବାଲ୍ୟଲତା ମିଶିଗଲା କାହିଁ ।
ଭାଳୁଁ ତଳଯାଏ ମୋର ଖେଳିଲା ହିଲ୍ଲୋଳ—
ତରଳ ଲାବଣ୍ୟ ଲୀଳା ସୁଚପଳ ହୋଇ ।
ଆତ୍ମହରା ହୋଇ ମୁଁ ଗୋ ! ଆପଣା ସୌନ୍ଦର୍ଯ୍ୟ
ବାମ କରେ ଥୋଇ ଗଣ୍ଡ ଭାବିଲି ମୁଁ ବସି—
କାହାରେ ଅର୍ପିବି ମୋର ଏ ମହାସମ୍ପଦ ?

ବକ୍ଷେ ବକ୍ଷେ ଏଣେ ମୋର ବାଜିଲା ଡମ୍ବରୁ,
—ମନ୍ମଥ ସେନାନୀରୂପେ ଜାଗିଲେ ସହସା
ଲକ୍ଷ ଲକ୍ଷ ସ୍ୱପନଜ ଦୁର୍ଦ୍ଦାନ୍ତ ବାସନା
ଅହରହ ରଖି ମତେ ଉନ୍ମନ, ସଜନ ।
ପ୍ରତିକ୍ଷଣେ ହୃଦେ ମୋର ବାଜିଲା ବିଷମ
ଜଗତର ପ୍ରତି ଅଂଶୁ କୋଟି ନିମନ୍ତ୍ରଣ—
ହୃଦୟର ଡାକ ସେ ଲୋ, ହାୟ ମୋର ସଖି
ଯାଉଥାଏ ପୋଡ଼ି ଖାଲି, ଏ ପରାଣ ମୋର
ଉତ୍ତରଲେ ଉଠୁଥାଏ ବହ୍ନିପିବା ପାଇଁ
ସେହି ଡାକ ଅନୁସରି, ଭ୍ରମି ଭ୍ରମି କ୍ଷଣେ

Digitized by srujanika@gmail.com

ବିଶ୍ୱର ପ୍ରତ୍ୟେକ ରନ୍ଧ୍ରେ, ଚୁମ୍ବିଣ ମରତେ
ସବୁ ବିଶ୍ୱବାସୀ ସ୍ୱପ୍ନ, ଶମିବାକୁ ତୃଷା
କରିଥାଏ ସେ ବାସନା ! କିନ୍ତୁ ଲୋ ସଜନି !
ଗୁରୁଅଙ୍ଗ ଆବରଣ ଭେଦ ସେ ବିସ୍ପର୍ଶ
ଯିବ କାହିଁ ?

କିନ୍ତୁ ଶୁଣ ଶୁଣି ଲୋ ସଜନି !
ଯେ ଦିନ ଆସିଲା ଅଙ୍ଗେ ଯୌବନ-ପ୍ରବାହ,
ମୋହଠାରୁ ଭିନ୍ନ ହେଲେ ସେ କିଶୋର ମଣି ।
ପିତା ମୋର ଗୁରୁଦେବ, ବ୍ରହ୍ମଚର୍ଯ୍ୟ-ବ୍ରତେ
ମାନସେ ଆଶଙ୍କା ପୋଷି ଦୁହିଁଙ୍କୁ ଦାରୁଣେ
ରଖାଇଲେ ଭିନ୍ନ ଠାବେ । ଶୁଣିଲି ଏ ଆଜ୍ଞା
ଯେ କାଳେ, ମୋ ମୁଣ୍ଡେ ସତେ ପଡ଼ିଲା ଦମ୍ଭୋଳି,
ପ୍ରମାଦ ଗଣିଲି ବସି ନିରଜନ କକ୍ଷେ ।
ଯେତିକି ଆସିଲା ମନେ ସଖାହୀନ ଭାବ
ବଢ଼ିଲା ଉଦ୍‌ବେଗ ତେତେ ମିଶିବାର ପାଇଁ
କିଶୋରର ଅଙ୍ଗେ ଅଙ୍ଗେ; ଅଶ୍ରୁ ହୃଦୟୁ
ଉଚ୍ଛନ୍ନ କରିଲା ମତେ, ଅହରହ ସଖି
ନୟନୁଁ ବହିଲା ଲୁହ, ସୁମରି ତା କଥା—
ଖେଳିବାର, ହସିବାର, ଭାଷିବାର ମୁଖେ
ମୋହ ମନ ଜାଣି ପ୍ରୀତି ମଧୁର ବଚନ ।
ଦିନ ରାତି ଲୀଳାଖେଳା, ଖୁଆଖୋଇ ପୁଣି
ଏକ ପାଇଁ ଅନ୍ୟ ମନେ ସମ ଅନୁଭୂତି,
ସବୁ ଲୋ ପଡ଼ିଲା ମନେ, ଡାକିଲି ଈଶ୍ୱରେ
କରିବାକୁ ଅଙ୍ଗ ମୋର, ଛୁପୁାମସୁ ଖାଲି

Digitized by srujanika@gmail.com

ଅବାଧେ ଯାଆନ୍ତି ଯେହ୍ନେ କିଶୋରର ପାଶେ
ବୁକେ ବୁକେ ମିଶି ତା'ର ଭୋଗୁଥାନ୍ତି ସଦା
ସେ ଅମୃତମୟ ସୁଖ ! କିନ୍ତୁ ଲୋ ଦେବତା
ନ ଶୁଣିଲେ ମୋ ମିନତି, ଗଲା ଦିନ ବହି
ଏହିପରି ବ୍ୟଥାମୟ ଆର୍ତ୍ତ ହାହାକାରେ ।
କେତେ ଚେଷ୍ଟା କଲି ସତେ ଦିନେହେଲେ କେବେ
ଦେଖନ୍ତି କ୍ଷଣକ ପାଇଁ ସେ କାନ୍ତ ବଦନ;
ପୂରନ୍ତି ଆକୁଳ-ଚକ୍ଷୁ-ଦର୍ଶନ-ପିପାସା,
ହେଲା ନାହିଁ କିନ୍ତୁ ତାହା, ନିତାନ୍ତ ଆକଟେ
ଦୁହିଁଙ୍କ ଲୋ ଭିନ୍ନ ଭିନ୍ନ ରଖିଥାନ୍ତି ସଦା ।

ସେ ଦିନ ଜାଗର ନିଶା, ଅମା ଅନ୍ଧକାର
ଚାପିଛି ନିବିଡ଼େ ବନେ । ଘନ କୃଷ୍ଣାଞ୍ଚଳ
ଟାଣି ଦେଇ ନିଶାଲକ୍ଷ୍ମୀ ଆକାଶୁ ଆକାଶେ
ଶାନ୍ତମନେ ଘୂମାଉଛି ତାରକାର ଦଳେ ।
ତପୋବନେ କୁଞ୍ଜେ କୁଞ୍ଜେ ଲଗିଲାଣି ଦୀପ,
ଶିବମୂର୍ତ୍ତି ପାଶେ ପାଶେ କୁମାର କୁମାରୀ
ବୃଦ୍ଧ ବୃଦ୍ଧା ଧ୍ୟାନମଗ୍ନ ନେତ୍ରେ ଛନ୍ତି ବସି,
ପ୍ରଦୀପ ହସ୍ତରେ ଧରି ନିଜ ନିଜ କୁଞ୍ଜେ ।
ଏକା ଲୋ ମୋହରି କୁଞ୍ଜ ଥିଲା ଅନ୍ଧକାର,
ମୋ ମାନସ ଶିବ ଯେଣୁ ନ ଥିଲେ ମୋ ପାଶେ ।
ଯାଇଥିଲେ ଉମାପତି ନିମନ୍ତ୍ରଣେ ପିତା
କୈଳାସେ ସେଦିନ, ମହା ମହୋତ୍ସବ ତହିଁ—
ଶିବଜଟେ ପୂର୍ଣ୍ଣଚନ୍ଦ୍ର ଉଜ୍ଜ୍ୱଳ ଉଠଇ

Digitized by srujanika@gmail.com

ସଂହରି ଚନ୍ଦ୍ରକାଜାଲ ପୃଥ୍ୱୀର ମୁଖୁଁ,
ଆନନ୍ଦେ ଉଲ୍ଲସି ଉଠି ଗିରି ତରଙ୍ଗିଣୀ
ଭଗୀରଥୀ ସହ ଉଚ୍ଚେ ନୃତ୍ୟକରି ସୁଖେ
ପ୍ରସ୍ତରୁ ପ୍ରସ୍ତର ଲଙ୍ଘି ନିମ୍ନ ଭୂତଳେ;
ଶିବ ବୃଷ ମହାନନ୍ଦେ ହମ୍ବାଳି ଦେଦେ
ନିବାରଇ ଶୃଙ୍ଗକଣ୍ଡୂ କରି ବପ୍ରକ୍ରୀଡ଼ା
ଅଚଳ-ଭୃଗୁର ସଙ୍ଗେ । ଅନ୍ତ-ନୃତ୍ୟ ହେତୁ
ଗଣନାଥ ଗଣ୍ଡୂଷରି ମଦବାରି ଧାରା
ପିଚ୍ଛିଳ କରାଇ ହଏ ଶିବ ସଭାଗୃହ ।

ଅନ୍ଧକାରେ ଅନ୍ଧକାରେ ବସି ନିରଜନେ
ହେଲା ନିଶା ଅର୍ଦ୍ଧ-ଶେଷ; କୁଞ୍ଜେ କୁଞ୍ଜେ ରହି
ଋଷିପୁତ୍ର କନ୍ୟାଗଣ ବ୍ରତ ଭଙ୍ଗି ସୁଖେ
ନିଦ୍ରାର ଆଶ୍ରୟ ନେଲେ । ମତେ ନିଦ କାହିଁ ?
ସୁଯୋଗ ଦେଖି ମୁଁ ସଖି, କାଢ଼ିଲି ଚରଣ
(କେଡ଼େ ଅଭାଗିନୀ ମୁଁ ଲୋ, ପୃଷ୍ଠ ତୋଳି ଯାଉଁ
ହେଲା ଅଙ୍ଗେ ସର୍ପାଘାତ) ଅନ୍ଧାରେ ଅନ୍ଧାରେ
କୁଞ୍ଜମାନ ଦୂରେ ତେଜି, ବନ୍ୟ-ତୃଣ-ପଥ,
ନଇଁ ନଇଁ ଆନମିତ ବୃକ୍ଷଲତା ତଳେ,
ଚପି ଚପି ପଦ ହସ୍ତ ନିରୋଧି ନିଶ୍ୱାସ,
ଅନାଇଁ ଅନାଇଁ ଭୟେ ନିଜ ପଛେ ପଛେ,
ଚମକି ଅଞ୍ଚଳ-ଘାତ-ଜାତ ମରମରେ,
ଯାକି ଯାକି ସ୍ୱବସନେ, ପହଞ୍ଚିଲି ଶେଷେ
କିଶୋରର କୁଞ୍ଜଦ୍ୱାରେ । ଥିଲେ ସେ ନିଷ୍ଠୁର

Digitized by srujanika@gmail.com

ବେଦପାଠେ ଆତ୍ମହରା, ପଦଶବ୍ଦେ ମୋର
ଚମକି ଚାହିଁଲେ ମତେ,
                    ଅଚିହ୍ନା ପରସ୍ୱେ
ପଚାରିଲେ, "କି ନିମନ୍ତେ ଏ ନିଶିଥେ ସଖି,
ଆସିଲ ଏ କୁଞ୍ଜେ ମୋର, ଜାଣନା କି ତମେ
ଆଶ୍ରମର ନୀତିରୀତି ?"
                    "ଜାଣେ ବୋଲି ଭଲେ
ଆସିଛୁ କିଶୋର ଆଜି ଏ ସୁଯୋଗ ଦେଖି,
ପ୍ରବର୍ତ୍ତିଲେ ଏ ରଜନୀ, ଆଶ୍ରମ ନିୟମେ
ଏ ଚରଣ ଦୁଇ ମୁଁ ତ ନ ପାରିବି ଦେଖି,
ନିଦ୍ରାଗତ ସର୍ବେ ଏବେ—"
                    "କି କ୍ଷତି କିଶୋର,
ମୋ ଚରଣ ନ ଦେଖିଲେ ? ମୋ ପାଶୁ, ଯୁବତି,
କି ଲଭିବେ, ଆଶ୍ରମର ଭଙ୍ଗି ଏ ଶୃଙ୍ଖଳା ?
ତୁମରେ କି ଦେଇପାରେ ?"
                    "ଏପରି କଠିନ
କପଟ ହେଲ ହେ ସଖା, ଏତେ ଅଳ୍ପକାଳେ;
ଭୁଲି କି ଗଲଣି ପ୍ରିୟ, ସେ କିଶୋର ଲୀଳା,
ସେ ମଧୁର ସୁଖ ଦୁଃଖ—"
                    "ଭୁଲିଛି ଯୁବତି,
ନୁହେଁ ଆଜ 'ପ୍ରିୟ' 'ବନ୍ଧୁ' 'ସଖା' ମୁଁ ତୁମର,
ସାମାନ୍ୟ ଆଶ୍ରମ-ବାସୀ, ଆସିଥିଲି ଦିନେ
ଯିବି ପୁଣି ଅଳ୍ପକାଳେ—"
                    "ଯିବ ଅଳ୍ପକାଳେ ?

Digitized by srujanika@gmail.com

ବ୍ୟଥା କି ନ ଲଗେ ହୃଦେ ? ନୁହ ବନ୍ଧୁ ଆଜ ?
କିପାଇଁ ଭୁଲିଲ ମଧୁ ସେ କିଶୋର କ୍ରୀଡ଼ା
ଏଡ଼େ ବେଗେ—?"
"ସେ କାରଣ କିପାଇଁ ଜାଣିବ ?
ଯାଅ ଫେରି ନିଦ୍ରା ତେଜି ଉଠନ୍ତି ଯଦି କେ
କି ବିପଦ ଘଟିବ ଦେଖ—"
"ଯିବି କେଉଁ ଆଡ଼େ ?
ହୃଦୟର ଏ ବିକଳ ଆର୍ତ୍ତନାଦ ଧରି,
ମର୍ମଭେଦୀ ଏ ନିଶ୍ୱାସ, ଏ ପାଗଳ ମନ
କେମନ୍ତେ ରଖିବି ସ୍ଥିର, ଜାଣନା କି ସଖୀ ?
ତୁମରି ଏ ପଦ ପ୍ରାନ୍ତେ ବନ୍ଧା ମୋ ପରାଣ,
ତୁମରି ମୋହନ ମୂର୍ତ୍ତି ପାଏ ପୂଜା ନିତି
ଏ ବିରାଟ ବକ୍ଷତଳେ—"
"ପାଗଳବନ ଛାଡ଼ା,
ମୋ ମରଣ ଜାଣି ରଖ ଅନ୍ୟ ଯୁବତୀର
ସ୍ୱର୍ଣ୍ଣାଞ୍ଚଳେ ଶିରବନ୍ଧା ! ଶୁଣିଲି ମୁଁ ଏବେ—
ପିତା ମୋର ବାଲ୍ୟକାଳେ ଦେଇଛନ୍ତି କରି
ଆରେକ ବାଳିକା ସଙ୍ଗେ ପରିଣୀତ ମୋତେ !"
କହି ଯୁବା ନତମୁଖେ ବକ୍ଷେ ଭରି ବାରି
ସଙ୍କେତିଲେ ଧୀରେ ମୋତେ ପଳାୟନ ପାଇଁ ।

ଆସିଲି ପଳାଇ ମୁଁ ଲୋ—ଜାଣେ ନା ମୁଁ କିନ୍ତୁ
କେମନ୍ତେ ମୁହୂର୍ତ୍ତେ ଆସି ପହଞ୍ଚିଲି କୁଞ୍ଜେ ।
ସେହିଦିନୁ ଆରମ୍ଭିଲା ଦୁର୍ଦ୍ଦଶା ମୋହର ।

Digitized by srujanika@gmail.com

କିଛୁଦିନେ ସେ କିଶୋର ଛାଡ଼ିଲେ ଆଶ୍ରମ,
ନ ଦେଖିଛୁ ଆଜ ତାଙ୍କୁ ଲଜ୍ଜା ଅପମାନେ,
ଦୁଃଖେ କ୍ରୋଧେ ଜଳିଗଲା ହୃଦୟ ମୋହର,
ଛାଡ଼ିଲି ମୁଁ ସବୁ ଲଜ୍ଜା ତାର ନାମ ଧରି
ଭ୍ରମିଲି କାନନେ କୁଞ୍ଜେ ଅହରହ ସଖି,
ନ ଥାଏ ଆଦର ଯତ୍ନ ବସନ ଭୂଷଣେ
ନିଶାଯାପେ ଗିରିକୋଳେ, ମୁକ୍ତ ନଭତଳେ
ନ ଥାଏ କିଛି ହିଁ ଚେଷ୍ଟା ଅଶନେ ଶୟନେ,
ବନ୍ୟବାଘ୍ରୀ ପରି ମୁଁ ଲୋ ବଢ଼ିଲି ସେକାଳେ !
ଛିନ୍ନବସ୍ତ୍ର ଜୀର୍ଣ୍ଣ ଦେହ ମଳିନ ବଦନ
ରୁକ୍ଷକେଶ, ଶୁଷ୍କବେଶ—ଏମାନ ନିରେଖି,
କେ ମୋତେ କହିବ 'ଏ ଯେ ରାବଣ ଭଗିନୀ ?'
ଅସଭ୍ୟ ବର୍ବରବତ ବୁଲୁଥାଏ ସଦା,
ସୂର୍ପ ପରି ଅଯତନେ ବଢ଼ି ନଖପନ୍ତି
କଲା ମତେ ଭୟଙ୍କର, ଡାକିଲେ କେତେକ
ସୂର୍ପଣଖା ନାମ ଧରି ପାଗଳିନୀ ବୋଲି ।
ପଠାଇଲେ ପିତା ମତେ ଭ୍ରାତୃସଦ୍ମ ପାଶେ—
ଦେବ-ବୈଦ୍ୟ ସୁଧା ହସ୍ତ ଲଗି ଅବା ଯଦି
ସୁସ୍ଥା ହୁଏ ଅଭାଗିନୀ । କିନ୍ତୁ ଲୋ ଭଗିନି !
ଅମୃତେ କି ମୃତ ହୁଏ ଚିରନ୍ତ-ଆମୟ ?
ତପୋବନେ ଯାପି ମୋର ସମସ୍ତ ଯୌବନ,
ଚିର କୋଳାହଳମୟ ରକ୍ଷରାଜ ଧାମ
ନ ଲାଗିଲା ତୃପ୍ତିକର । ତେଣୁ ସିନ୍ଧୁବକ୍ଷ
ଉଲ୍ଲଙ୍ଘି ଏ ମହାରଣ୍ୟେ, ଆସିଲି ପଳାଇ ।

Digitized by srujanika@gmail.com

ଘାଇପାଶେ ନତ ନତ ବହୁ ଦେବଯୁବା
ଆସକ୍ତ ଦର୍ଶନ ଆଶେ, କିନ୍ତୁ କାହା ମୁଖେ
ନ ଦେଖିଲି କିଶୋରର ବଦନ ସୁଷମା !
ଏ ଅରଣ୍ୟେ, ପୁଣି କେତେ ଋଷି ତପୋବନେ
ବୁଲିଲି ଆକାଙ୍କ୍ଷାଭରେ, ନ ପାଇଛି କିନ୍ତୁ
ସେ ରୂପ ଲାବଣ୍ୟମୟ ଯୁବା ମୁଖ କାହିଁ !
ହୃତିକ କେବଳ ସଖି ସାଇତି ଏ ବକ୍ଷେ
ଯାପିଲି ବହୁତ କାଳ, କରିଥିଲି ଇଚ୍ଛା
ସେହିପରି ପାଇଥାନ୍ତା ବନ୍ଧୁ ଏ ଜୀବନ
କଳ୍ପିତ ଆମୋଦ ଭୋଗି ସ୍ୱପ୍ନେ ଭାସି ଭାସି,
କିନ୍ତୁ ହାୟ ! ପୁଣି ବାଧ୍ୟ ହେଲି କଠୋରେ
ବାସ୍ତବତା ରୁକ୍ଷ ଅଙ୍ଗେ, ଚଖାଇ ମଧୁର
ଦେଇଛି ଅଜାଡ଼ି ଶେଷେ ହଳାହଳ ସରି !

Digitized by srujanika@gmail.com

ଅର୍ଜ୍ଜୁନ ଓ ଉର୍ବଶୀ

ଅର୍ଜ୍ଜୁନ

ଅନଙ୍ଗ ଯା ସୁକୁଞ୍ଚିତ କୁନ୍ତଳ ପ୍ରାନ୍ତରେ
ବିଜୟ-ଶଙ୍କିତ କରେ ଗୁଞ୍ଜି ଗୁଞ୍ଜି ଦିଏ,
ସୁମେରୁର ସ୍ୱର୍ଣ୍ଣପୃଷ୍ଠ ରଶ୍ମି; ତୁମେ ସେହି
ଅନନ୍ତ ଯୌବନବତୀ ଉର୍ବଶୀ ରୂପସୀ ?
ସେହି ତୁମେ ହୃଦେ ଯାର ବାଜିଲେ ବେଦନା
କାମନାର,—ଜଳଉଠେ ଜଗତର ହିୟା
ଟଳ ଟଳ କରି, କ୍ଷୁବ୍‌ଧେ କୁମାର କୁମାରୀ
ଧାଆଁନ୍ତି ଗ୍ରାମାନ୍ତ ବନଚ୍ଛାୟେ, ସୁରଭିତ
ବିଜନ ବକୁଳ ମୂଳେ, ରତି ଆଗମନେ,
ତାରକାଖଚିତ ନୀଳ ପ୍ରଶାନ୍ତ ଅଞ୍ଚଳ,
ଟାଣିଦିଏ ଯେବେ ସନ୍ଧ୍ୟା ପୃଥିବୀର ମୁଖେ
ବିରହୀର ପ୍ରାଣବ୍ୟଥା ପ୍ରଶମନ ପାଇଁ

Digitized by srujanika@gmail.com

ସୁଆଦରେ ?
ସେକ୍ସ ତୁମେ ବମ୍ବାଧରେ ଯାର
ଦେଖିବାକୁ ହାସ୍ୟରେଖା ଜ୍ୟୋତ୍ସ୍ନା-ଧାରା ଜଣି,
ଯୁଗ ଯୁଗ ଧରି ଏହି ପାଗଳ ଭୁବନ
କ୍ଷୟ କରେ ପ୍ରାଣ ତାର ଯାଚେ, ପଞ୍ଚେ, ତପେ
ଶ୍ରୁଷ୍ଟ କରି ରସମୟ ଜୀବନତରଙ୍ଗ
ପ୍ରାଣହୀନ ସୁକଠୋର ସଂଯମ ସାଧନେ ?
ସେନ୍ଥ ତୁମେ ସ୍ୱର୍ଗପୁରେ ଯା ବସନ୍ତ ହେତୁ
ନ ଚେଜ ବସନ୍ତ କେବେଁ ନନ୍ଦନ କାନନ,
କୋମଳ କନକ କାନ୍ତି ଦେଇଥାଏ ଗୁଛି
ଶରଦନ ପାଇଁ ଧୂରି ଚଉପାଶେ ତବ
ଅତୃପ୍ତ ଅନନ୍ତ ଆଶେ, ହେଉଥାଏ ଧନ୍ୟ ?
ଯାହା ପାଇଁ ପୁଣି କୁଞ୍ଜ ପାରିଜାତମାନ
ନ ମଉଳ ବଛ ମୌନେ ସ୍ତବ୍ଧ ଦ୍ୱିପ୍ରହରେ
ଅଂଶୁମାଳ ଖରତାପେ, ହସୁଥାନ୍ତି ସଦା
ଅମଳ ବିକାଶେ ମୃଦୁ ମନ୍ଦ ବମ୍ପନେ ?
ସୋମପାୟୀ ଅର୍ଦ୍ଧଚନ୍ଦ୍ରାବନତ-ନେତ୍ର
ଦେବତା, ସୁଧର୍ମା ପରେ କୋମଳ ତଲପେ
ହେଉଁ ଅର୍ଦ୍ଧଶାୟୀ, ଯାର ନୃତ୍ୟପରାୟଣ
ସ୍ୱର୍ଣ୍ଣଲତାନିଭ ଅଂଗ ଗୂରୁ ସଞ୍ଚାଳନ
ମୁଗ୍ଧ ପ୍ରାଣେ ଭାବୁଥାନ୍ତି ଇନ୍ଦ୍ରଜାଲ କ୍ରୀଡ଼ା,
ସେହ୍ନ ତୁମେ ରସମୟୀ, ଶର ନୃତ୍ୟମୟୀ
ମୂର୍ତ୍ତିମନ୍ତ ବିଶ୍ୱଶୋଭା, ଉର୍ବଶୀ ସୁନ୍ଦରୀ ?

Digitized by srujanika@gmail.com

ଧନ୍ୟ ମୁହିଁ ଆଜି ଦେବ, ଦେଖିଲି ଯା ଏବେ
ଚରଣ ଦୁଇଟି ତବ ।
କହ ତେବେ କିପାଁ
ଆହ୍ୱାନିଲେ ଏ ଅଧୀନେ ? ସାଧି କିବା ତବ,
ମଣିବ ଏ ପ୍ରାଣ ମମ ସାର୍ଥକ ଭୂତଳେ ?

ଉର୍ବଶୀ

ଉର୍ବଶୀ ମୁଁ ; ସତ୍ୟ ବୀର ଅର୍ଜୁନ ସୁନ୍ଦର,
ମୋର ମୁଖେ ଚାହିଁ ଏହି ଭୁବନ ସକଳ
ଯୁଗ ଯୁଗ ଲଭିଆନ୍ତି ଅମୃତର ଧାର,
ମୋ ଚରଣ କ୍ଷେପେ ଏହି ପୁଣ୍ୟ ତ୍ରିପଥଗା
ତାଳେ ତାଳେ ମହାଛନ୍ଦେ ନାଚିଉଠେ ଧୀରେ
ଉଲ୍ଲୋଳ କଲ୍ଲୋଳ ଊର୍ମିମାଳେ ଗାଇ ଗାଇ,
ମୋ ନିଶ୍ୱାସଘାତେ ଏହି ବାୟୁ ଜଗତର
ମନମୋହକର ଗନ୍ଧେ ହୋଇ ଷସହାନ୍ତ
ଉନ୍ମାଦେ, ଉଦ୍ଦାମ ବେଗେ ଦଉଡ଼େ ବିଶ୍ୱର
ଚତୁର୍ଦ୍ଦିଗେ ।

କିନ୍ତୁ ମୋର ନିଜ ପ୍ରାଣ ଯେବେ
ହୋଇଆସେ ଅବସନ୍ନ, ଯେବେ ବକ୍ଷେ ବକ୍ଷେ
ଶୂନ୍ୟତା ମୁଁ ଅନୁଭବେ ବିଷମ ବ୍ୟଥାରେ
କାହା ମୁଖ ଶୋଭା ହେରି, ଶମେ ମୋ ସନ୍ତାପ ?
ପାଇଛି ଅମଳ ଶୋଭା, ଅନନ୍ତ ଯୌବନ,
ବିତରୁଛି ହସେ ହସେ; ବିଶ୍ୱହିତ ପାଇଁ

Digitized by srujanika@gmail.com

ଚିରକାଳ ତାହା ପାର୍ଥ, ସୃଷ୍ଟିକାଳୁ ମୋର
ବିଶ୍ୱର ଅଗଣ୍ଣ ଦୃଷ୍ଟି ପଡ଼ୁଛି ଏ ସ୍ଥଳେ,
ସକଳ ବିଶ୍ୱର-ବ୍ୟଥା-ବେଦନା ମୋ ବକ୍ଷେ
ଫିଟିଛି ଅଙ୍କୁଶ-ରେଖା, ସହୁଛି ମୁଁ ସବୁ,
ମୌନେ,
    କିନ୍ତୁ ହେ ବୀରେନ୍ଦ୍ର, ମୋର ଶୁଭ ଯେବେ
କାଢଜଠେ ବ୍ୟଥାଭରେ ବେଦନା ନ ସହି
ଦେଖିନ ଏ ବିଶ୍ୱେ, କାରେ ପାର ମହାଶତେ
ବାଜିବ ମୃଦୁଳ ବେଗେ ପ୍ରନ୍ତବାଣୀ ମମ !
ଶୁଣାଇଛି ଚିରକାଳ ନିସ୍ତବ୍ଧ ନିଶୀଥେ
ମହା ବ୍ୟୋମେ ମୋ ବକ୍ଷର କରୁଣ କାହାଣୀ,
କେହି ହେଲେ ନ ଶୁଣଇ ସେ ବିଳାପ ମୋର ।
ତୁମେ ବୀର, ପୃଥିବୀର ବିରପ୍ରତିରୂପୀ
ଶୌର୍ଯ୍ୟ, ବୀର୍ଯ୍ୟ, ମହିମାରେ, ମାନେ ଅତୁଳନ
ତ୍ରିଭୁବନେ, ଆଜ ବିଶ୍ୱ-ଆକାଶ ମୁଖର
ମୁହୁର୍ମୁହୁ ଉଠେ ତବ ଜୟ ଜୟକାର;
ସ୍ୱର୍ଲୋକରମଣୀବୃନ୍ଦ ଆଜ ତବ କଣ୍ଠେ
ଦେବାକୁ ଇଚ୍ଛନ୍ତି ପ୍ରେମ-ମନ୍ଦାର ମାଳିକା,
ପ୍ରଣୟୁବିଧୁର ନେତ୍ରେ ବୀର ମୁଖେ ତବ
ଥର ଥର ଗୁହନ୍ତି ଗୁହନ୍ତି,
                    ମୁହିଁ ତେଣୁ ଆଜ
ଦେଉଛି ଏ ମାଳା-ମୋର-ହୃଦୟ-ବ୍ୟଥାର-
ସାକ୍ଷୀ-ରୂପୀ, ଘେନ ବୀର,

Digitized by srujanika@gmail.com

ଅର୍ଜ୍ଜୁନ

ନୁହେ ଗୋ ଉର୍ବଶି,
ଏ ନୁହେ ଉଚିତ କର୍ମ, ଜଗତର ହୃଦେ
ସୁନିତ୍ଯେ ପୂଜିତା ଯେ ଅତୁଳ ଆଦରେ,
ପ୍ରାଣର ସ୍ୱପନ ସମ, ଅନୁଚିତ ତାର
ଏ ଭବେ ସୌନ୍ଦର୍ଯ୍ୟ ଦାନ,
ଶୁଣ ରୂପମୟି,
ଜାଣ କି ତବ ଏ ଚିରଉଜ୍ଜ୍ୱଳ ଶିଖା
ଯୌବନର, ସୌନ୍ଦର୍ଯ୍ୟର ରହିଛି ଅମ୍ଲାନ
ଶତ ଶତ ଯୁଗ ଧରି କପରି ଏମନେ ?
ଜାଣ କି, ଅଗଣ ଏଇ ଦେବଦେବୀ ଯେବେ
ଭ୍ରଷ୍ଟ ହୋନ୍ତି ସ୍ୱର୍ଗପଥୁ—ନିଦାଘ ଗଗନେ
ନିପତିତ ଶତ ଶତ ଉଲ୍କାପିଣ୍ଡ ସମ,
ଚିର ସୁଶ୍ୟାମଳା ଏଇ ନନ୍ଦନ-କମଳା,
ପ୍ରକୃତିର ବିବର୍ତ୍ତନେ ହେବେ ଯେବେ ଦିନେ
ହତଶ୍ରୀ, ମ୍ଳାନ ମୁଖ ; ଏଇ ସ୍ୱର୍ଣ୍ଣଶିର
ଉତ୍ତୁଙ୍ଗ ସୁମେରୁ ଯଦି ଭାଙ୍ଗିପଡ଼େ କେବେ
ବିପର୍ଯ୍ୟସ୍ତ କରି ଏଇ ପ୍ରଶାନ୍ତ ଅମରା,
ହାହାକାର ଦୂରେ ଯଦି ସମଗ୍ର ସଂସାରୁ
ପ୍ରଳୟର ଭୟଙ୍କର ତାଣ୍ଡବ ଚଳନେ,
ତେବେ ମଧ୍ୟ ହେ ଅନିନ୍ଦ୍ୟବଦନା ଉର୍ବଶୀ
ଆତଙ୍କେ ଶରୀରେ ତବ ଏକ ଲୋମରେଖା
ରୋମାଞ୍ଚେ ଚଞ୍ଚଳ ହୋଇ ନ ଉଠିବ କେବେ,

ଭ୍ରୂକୁଟି ନିକ୍ଷେପି ସେହ୍ନ ପ୍ରଳୟର ମୁଖେ
ହସିବ ବଦନେ ତବ ଅମ୍ଳାନ ଲାବଣ୍ୟ
ତରତରେ; କଣ୍ଠେ ତବ କୁରୁବକ ଦଳ
ସ୍ଥିର ଅଚଞ୍ଚଳ ରହି ଚୁମ୍ବୁଥିବେ ମୁଦେ
ଉଦାର କପୋଳ ତବ, ସେ ମହା ବିନାଶ
ନତ ମୁଖେ, ଶଙ୍କାଚିତ୍ତେ, ମାନ ପରାଜୟୀ
ଆଘ୍ରାଣିବ ତବ ପଦ ଶୁଭ୍ର ନଖପନ୍ତି !
ଅକ୍ଷୁଣ୍ଣ ଯୌବନ ଦେନି ବିଶ୍ୱ ଆଗେ ଯେବେ
ଠିଆ ହେଲ ସଗୌରବେ ଲଜ୍ଜାନତ ମୁଖେ
ମୃଦୁଳେ କମ୍ପାଇ ମାତ୍ର ଅଧର ସୀମାନ୍ତ,
ସଙ୍କୋଚ ବର୍ତ୍ତୁଳ-ସ୍ୱର୍ଣ୍ଣ-ସୁନ୍ଦର ଚିବୁକ,
ସ୍ତବ୍ଧ ହେଲା କ୍ଷଣେ ସର୍ବ ବିଶ୍ୱ ଚରାଚର;
ନିଖିଳର ସ୍ପୃହା କ୍ଷଣେ ହୋଇଲା କରତ
ଟିକି ଟିକି ହୋଇ ଏକ ଅଜ୍ଞାତ କାରଣେ,
କିନ୍ତୁ ତୁମେ, ନିର୍ବିକାର, ଅଚଞ୍ଚଳ ରହି
ନିଜ ରୂପେ ମଗ୍ନ ରହି ଜାଳିଲ ଅଧିକେ
ଜଗତ ଜନର ବକ୍ଷେ ଅଗ୍ନି ଅନିର୍ବାଣ ।
ଦେବ ପୁଷ୍ପଧନ୍ୱା ଆସି ଥୋଇ ଧନୁଶର
ପ୍ରଣମିଲା ପଦପ୍ରାନ୍ତେ ଲଜ୍ଜାନମ୍ର ମୁଖେ ।
ସେ ମୁହୂର୍ତ୍ତେ ଦେବ କିନ୍ତୁ ଦେଇଥାନ୍ତେ ଯଦି
ଢାଳି ଏ ଉଦ୍ଦାମ ରୂପସ୍ରୋତ କାର ପଦେ,
ଅଥବା ଜଗତଜନ ବାସନା ସଂପୁଟେ,
ସରିକି ନ ଯାଇଥାନ୍ତା ସେହ୍ନ ସେ କ୍ଷଣରେ
ରୂପମୟୀ ଉର୍ବଶୀର ସୁବର୍ଣ୍ଣ-ଗୌରବ ?

Digitized by srujanika@gmail.com

ଦୂରେ ଦୂରେ ରହି,
ନିଖିଳର ବାସନାର ଉଷ୍ଣଶ୍ୱାସ ଛାପୁଁ
ବଞ୍ଚାଇ ଏ ଅଙ୍ଗଲତା ରଖିଛ ସୁନ୍ଦରୀ
ନିଜର ଯୌବନ-ପୁଷ୍ପ, ଅମ୍ଳାନ ମଧୁର ।
ଥାଅ ସେହିପରି ଦେବ ସୃଷ୍ଟି ଶେଷଯାଏଁ
ବିଶ୍ୱର ପରମ ସ୍ୱପ୍ନ, ଅଭୋଗ୍ୟା ରୂପସୀ
ସେହି ମହିମାରେ ପୁଣି ବିଶ୍ୱ-ବନ୍ଦନୀୟା ।

ଲେଖାକାଳ—୧୯୨୮

ପ୍ରଣୟିତ ପୁଷ୍ପ

କନକ ରବିର ତରୁଣ ରେଖା
ଅରୁଣ ରାଗେ
ଛପି ଛପି ଯେବେ ଦିଶଇ ଦେଖା
ଭୁବନ ଆଗେ,
ପ୍ରଥମ-ପ୍ରଣୟ- ସରାଗ ଭରି
କୁସୁମ-ରାଣୀ,
ଲକ୍ଷ ବୋକ ସେ ଢାଏ ଭ୍ରମର
ବକ୍ଷେ ହାଣି ।

ନବଢ଼ ପ୍ରେମର ପ୍ରସାଦ ପରି
ସୌରଭଟି,
ପ୍ରଭାତ ବାୟୁର ଅଙ୍ଗେ ଚରି
ଯାଏ ଚହଟି ।

ମୁକ୍ତା-ହସଟି ଶିଶିର ହସେ
ସୂର୍ଯ୍ୟ କରେ ।
ସ୍ୱର୍ଣ୍ଣ ହସିତ ଗଗନୁ ଖସେ
ଆଶିଷ ଭରେ ।

Digitized by srujanika@gmail.com

ମର୍ମରଇ ପବନ ଛନ୍ଦ
ପଲ୍ଲବରେ
ଭାସଇ ସୁଧା ସ୍ୱରଗ ଛନ୍ଦେ
ତବ ଅଧରେ ।

ନିଜ ବଭବେ ବହ୍ୱଳ ଗୋ
କୁଙ୍କୁମ ସଖୀ,
ଦୋହଲୁଅଛ ମୁଗ୍‌ଧ ଆଖି
ଆକାଶେ ରଖି ।

ଲେଖାକାଳ—୧୯୨୮

Digitized by srujanika@gmail.com

୬. ମିଳନ

ଆଜି ଉତୁରି ଉଠଇ
ପ୍ରଣୟେ ଫୁଟଇ
ପ୍ରାଣ ମୋର
ଦୂରୁ ଆସୁଅଛି ଆଜି
କୁସୁମରେ ସାଜି
ମନ ଚୋର ।

ବନେ ମନ୍ଦ ଶୁଭୁଛି
ବଂଶୀ,—ଲେଉଟୁଛି
ଗାନ ତାର,
ତାର- ଚରଣେ ଚରଣେ,
ହୁଏ କଂକଣେ
ଝଂକାର ।

Digitized by srujanika@gmail.com

ହୃଦ,　　ସୁଖ-ଚଂଚଳେ
　　ଷଣେ ଜଡ଼ିତଥିଲେ
　　　　ଥର ଥର,
ମଧୁ　　ଶଙ୍ଖ କାହାର
　　ଶୁଭେ ବାରବାର
　　　　ଚର ଚର ।

ପ୍ରାଣେ　　ଆସିଅଛି ଆଜ
　　ଉକ୍ତରେ ବାଜ
　　　　ଡାକ କାର
କାନେ　　ମନ୍ତ୍ରଣା—ମଧୁ,
　　ଆସେ କେଉଁ ବଧୂ—
　　　　ଦୂତକାର ।

ତେଣୁ　　ମୋର ଏ ବକ୍ଷ
　　ହରାଇ ଲକ୍ଷ୍ୟ
　　　　ପ୍ରେମ-ଲେଳ
ଆଜ　　ସେହି ଡାକ ଆଡ଼େ
　　ବାସନା ଅଜାଡ଼େ
　　　　ସୁଖ-ଖେଳ ।

Digitized by srujanika@gmail.com

ଆଜ ଉଲୁର ଉଠଇ
ପ୍ରଣୟେ ଫୁଟଇ
ପ୍ରାଣ ମୋର
ଦୂରୁ ଆସୁଅଛୁ ଆଜ
କୁସୁମରେ ସାଜ
ମନ ଚୋର ।

ଲେଖାକାଳ—୧୯୨୮

Digitized by srujanika@gmail.com

ଆଗମନ

ପୁଲକିତ, ଆଲୋକିତ   ଧରଣୀର ବକ୍ଷ,
ଲୁଟିପଡ଼େ ଧରଣୀର   ସଂଗୀତ ଲକ୍ଷ,
ଉଲ୍ଲୋଳ ତରତର   ଯମୁନା ତରଙ୍ଗ
କନକିତ ଅଙ୍ଗ
ରଭସ-ବଶମ୍ବଦ   ଲହରୀର ଭଙ୍ଗ ।

ନୂପୁର ବାଜଇ ମୋର   ଚଞ୍ଚଳ ଚରଣେ,
ମାଜିଅଛି ଅଂଗ ମୁଁ   କୁଙ୍କୁମ ବରଣେ,
ପୁଷ୍ପର ହାର ଏ ଯେ   ଗ୍ରଥିତ ସ୍ୱହସ୍ତେ,
ହୃଦୟର ପ୍ରଶସ୍ତେ
ବାଜେ ଆଜି ଆଗମନୀ   ଲକ୍ଷ୍ମି ଚେ, ଆସ୍ତେ ।

ଯମୁନାର ବୁକେ ଭାସି   ଆସିବେ ମୋ ବନ୍ଧୁ,
ଝୁଲୁଥିବ ଫୁଲହାର   ଉନ୍ନତ ସ୍କନ୍ଧ ,
ଅଧରରେ ଫୁଟୁଥିବ   ପ୍ରାଣମୟ ହାସ୍ୟ,
ସୁନ୍ଦର ଆସ୍ୟ
ଦୈବତ-ଆଲୋକିତ,   ବିଶ୍ୱ-ନମସ୍ୟ ।

ବନ୍ଧୁ ଦୂରବାସୀ, ପୁଣି   ଅନ୍ତରତମ ସେ,
ଜୀବନର ଯାହା କିଛି   ସବୁଠାରୁ ମମ ସେ,
ଚରଣ ଚେଣୁ ଗୋ ଆଜି, ନ ଜାଣଇ ଲକ୍ଷ୍ୟ,
ଥରଇ ମୋ ବକ୍ଷ
ଆଲୋକିତ ହୁଏ ହୃଦ, ଅନ୍ଧାର-କକ୍ଷ ।

ଲେଖାକାଳ—୧୯୨୩

Digitized by srujanika@gmail.com

ଗୀତଗୋବିନ୍ଦ

[ଅନୁବାଦ]

(ନିଭୃତ ନିକୁଞ୍ଜଗୃହଂ ଗତୟା ନିଶି ରହସି ନିଲୀୟ ବସନ୍ତଂ)

ବିଜନ ନିକୁଞ୍ଜ ଗୃହେ ଯିବି ମୁଁ ସଖି,
ଲୁଚି ବସିଥିବେ ସେଥି ଶ୍ୟାମ ନାଗର,
ସଚକିତେ ଚଉଦିଗେ ଚାହିଁବି ମୁହିଁ
ହସିବେ ରଭସ-ରତି ରସ-ସାଗର ।
ସଖିରେ, କେଶବେ କି ପାରିବୁ ଆଣି
ମୋ ପାଶେ, ବିଷମ-ଶର ଯାତନା ଜାଣି ।
ପ୍ରଥମ ଏ ସମାଗମେ ହେଲେ ସରମ
ଅନୁକୂଳ ପଟୁ-ଚଟୁ କରିବେ ହରି
ଭାଷିଲେ ହସି ଗୋ ମୃଦୁ ମଧୁ ବଚନ
ଜଘନ-ଦୁକୂଳ ଦେବେ ଶିଥିଳ କରି ।
କିଶଳ ଶୟନେ ମତେ ଶୁଆଇ ଧୀରେ
ଉରସେ ମୋ ମଧୁ-ରିପୁ ଶୋଇବେ ଚିର,
ଚୁମ୍ବନ ଆଶ୍ଳେଷ ମୋର ଲଭି ରସିକ,
ପିଇବେ ଅଧର ମୋର ଚୁମ୍ବି ଗଭୀର ।
ଅଳସେ ନୟନ ମୋର ହୋଇବ ମୁଦି,
ପୁଲକେ କପୋଳ ; ତାଙ୍କ ଦଶିବ ଗୁରୁ
ଶ୍ରମଜଳେ କଳେବର ହେବ ମୋ ଓଦା
ଚଞ୍ଚଳ ହେବେ ସେ ଅତି ମଦନ-ଗୁରୁ ।

କହିବ କୋକିଳ-ରବେ ମଦନ-କଥା,
ମନସିଜ-ଜୟୀ ମୋର ହିୟରେ ରହିଁ
ଆକୁଳ ଅଳକୁ ଖସି ଝଡ଼ିବ ଫୁଲ
ଉରଜ ଭୁଟିବେ ନଖ-ଲିଖନ ପାଇ ।
ଚରଣ-ରଣିତ ମଣି ନୂପୁରେ ସଖି,
ସୁରତ ବିତାନ ପୂରି ଉଠିବ ଖରେ,
ମୁଖର ମେଖଳା ମୋର ଖସିବ ହେଲେ
ଚୁମ୍ବିବେ ସେ କେଶ ଧରି ମୁଖେ ଆଦରେ ।
ରତି-ସୁଖ ରସେ ମୋର ପୂରିବ ହିୟା
ଅଧା-ମୁଦା ଥିବ ତାଙ୍କ ନୟନ-ଫୁଲ,
ଅବଶେ ମୋ ତନୁଲତା ରହିବ ପଡ଼ି,
ମାଧବ ମଦନ-ମଦେ ହେବେ ଆକୁଳ ।
ଜୟଦେବ ଭଣିତ ଏ ମଧୁର ଗୀତି
ମଧୁରିପୁ ନିଧୁବନ ଲୀଳା-ଲହରୀ
ଗୋପବଧୂ ବିଧୁରିତ ବଚନ ଏହୁ
ରସିକ ହୃଦୟୁ ନେଉ ସହଜେ ହରି ।

Digitized by srujanika@gmail.com

ଗୀତଗୋବିନ୍ଦ

[ଅନୁବାଦ]

ସଙ୍କେତ କର
ନ ଗଲେ ହରି,
ହାସ୍ୟ ଲେ ଯାହା ବନେ,

ହେଲା ବିଫଳ,
ସିନା ଅମଳ
ମୋର ଏ ଯଉବନ ।

ଶରଣ ଏବେ
କାହାରେ ଭବେ,—
ପିବ; ଯା' ସଖୀ-ଗୀରେ
ଭୁଲିଲା ମୋର ମନ । (ଧ୍ରୁ)

ଯା' ଅନୁସରି, ବନେ ଶବଙ୍ଗ ଭେଦ ଆସିଲ ଧାଇଁ
ବିଷମ ଶର ଘାତେ ଜର୍ଜର ହେଲା ତାହାର ପାଇଁ ।
ଏ ଯେ ଲାଞ୍ଛନା, ଗୁରୁ ବଞ୍ଚନା, ଭଲ ମରଣ ଏଥୁ
କହ କେସନେ, ବଞ୍ଚି ଏକ୍ଷଣେ ବିରହାନଳ ହାତୁ ।
ମଧୁର ମଧୁ— ଯାମିନୀ ବଧୂ ଅଛି ପରାଣ ମୋର
ଆଜ କେ ନାରୀ ସୁକୃତେ ବରି ଭୋଗେ ମୋ ଚିତ୍ତ-ଚୋର ।
ମଣି ଭୂଷଣ ଦିଏ କଷଣ ତନୁରେ ମୋର ସଖି !
ବିରହାନଳ ଜଳେ ପ୍ରବଳ; କେସନେ ଏହା ରଖି ?

Digitized by srujanika@gmail.com

କୋମଳ ତନୁ   ସଖି, ଅତନୁ—   ଶରେ ଗଲଣି ଭାଜି
ହୃଦରେ ମୋର,   କାଢଇ ଘୋର   କୁସୁମହାର ରାଜି ।
ବନବେତସ   ନ ଗଣି, ରସ—   ଶେଖର ପାଇଁ ସିନା
ଆସିଲ ବନେ;   ସେ କି ତୋ ମନେ   ଭାବଇ ମୋହ ବିନା ?
କୋବିଦ ଚିତ୍ତ   ରଞ୍ଜୁ ଏ ଗୀତ   ଭଣଇ ଜୟଦେବ
କେଳି-ତତ୍ତ୍ୱ-   ଯୁବତୀ ସର   ଅସୀମ ସୁଖ ଦେବ ।

(ଲେଖାକାଳ—ସମ୍ଭବତଃ ୧୯୩୧-୩୨)

Digitized by srujanika@gmail.com

ତୀର୍ଥ-ଧୂଳି

ବଡ଼ଦାଣ୍ଡେ ଉଡ଼େ ଧୂଳି, ବାଲି, ଅବିରତ
ବିଳାସୀର ଅଙ୍ଗେ ପଡ଼ି କରଇ ବିବ୍ରତ ।
"ଏଠିକି ମଣିଷ ରହେ ? ଆସିଲି କିପାଇଁ ?"—
—ବୋଲି ସେ ବିଳାସୀ ଦୁଃଖେ ମୁଖ ପୋଛୁଥାଇ ।

ସେଇ ପଥେ ଯାଏ ଭକ୍ତ ଆନନ୍ଦ-ଗଦ୍‌ଗଦ,
ଆନନ୍ଦେ ଭୂମିରେ ତାର ପଡ଼ୁ ନାହିଁ ପଦ ।
"ଏ ଧୂଳି ପଡ଼ୁ ମୋ ମୁଣ୍ଡେ ଜନ୍ମ ଜନ୍ମାନ୍ତର"—
—ବୋଲି ସେ ଧୂଳିରେ ଧୁଏ ଶୀର୍ଣ୍ଣ କଳେବର ।

ଲେଖାକାଳ ସମ୍ଭବତଃ ୧୯୩୧-୩୨

Digitized by srujanika@gmail.com

ଶୁଣୁନା କିଆ ?

ତୁମର ପଦତଳେ,
ମୋହର ବ୍ୟଥିତ ଅଶ୍ରୁ ନାହିଁ କି ପଡ଼େ ?

ପୌଷ ବାୟୁ ସମ,
ଜୀବନ ମତେ ଦେଉଛି ବ୍ୟଥା,
ଜାଣନା କି ନିର୍ମମ ?

ଶ୍ରାବଣ ଘନ ପରି
ବେଦନା ମୋର ନେତ୍ରୁ ବହେ
ତୁମଠି ଆଶା କରି ।

ନ ଶୁଣ କପଟୀ ମିତ,
ତୁମ୍ଭ ବିନା କେ ଅଛି କହ,
ବୁଝିବ ମୋ ବ୍ୟଥିତ ?

ଦେଉଳ ତଳେ ରହି
ପାହାଚ ତବ ଆର୍ଦ୍ର କଲି,
ବେଦନା ମୋର କହି !

ଫିଟାଅ ତବ ଦ୍ୱାର,
ଦେଖାଇଁ କନା ବଦନ ତବ
ପିନ୍ଧାଇ ଅଶ୍ରୁ ହାର ।

Digitized by srujanika@gmail.com

ଚରଣ ଦୁଇ ତବ
ହୃଦରେ ମୋର ନବଚେତ ଭଙ୍ଗ
କରେଁ ମୁଁ ଅନୁଭବ ।

ଜୀବନ ଫୁଲ ମୋର
ଚରଣତଳ-ଧୂଳରେ ପଡ଼
ହେଉ ହେ ମୁକ୍ତ-ଖେଳ ।

ଏଇ ତ ଭିକ୍ଷା, ହର;
ଶୁଣୁନା କହ, କ ଆଚକେ ଉର ?

ଲେଖାକାଳ—ବୋଧଦ୍ରୁଏ ୧୯୩୧-୩୨

Digitized by srujanika@gmail.com

ପଙ୍ଗୁର ଭିକ୍ଷା

ସକଳେ ଯେବେ ଯିବେ ହେ ଏକା କରି
ପ୍ରଭୁ ହେ ଯାଇ ଡାକିବ ପାଦ ଧରି,
ଦେବ କି ନାହିଁ ଚରଣେ ତବ ଥାନ
ହେ ମୋର ପ୍ରଭୁ, ବ୍ରହ୍ମାଣ୍ଡ-ପାବନ ?

ସମରେ ଯେ ଗୋ ଥିଲେ ସେ ମୋର ସାଥୀ
ଗଲେ ସେ ଚଳି ଯେ ଯାହା କର୍ମେ ମାତି
ପଙ୍ଗୁ ମୁହିଁ ରହିଲି ପଡ଼ି ପଥେ,
ଦେଲେ କେ ନାହିଁ ଠାବ ହେ ତାଙ୍କ ରଥେ,
ତୁମରି ରଥେ ଦିଅ ହେ ମତେ ଥାନ
ସ୍ୱାମୀ ହେ ମୋର, ଭୁବନ-ନିସ୍ତାରଣ ।

ଲଗ୍ନ-ପଦ, ଆବରି ପଥ-ରେଣୁ
ପାତିଛି କାନ ଶୁଣିବି ତବ ବେଣୁ,
ଶୁଣିବି କେବେ ରଥର ଘନ ରବ
ଭୁବନ-ଜଣା ଅଶ୍ୱ-ହ୍ରେଷା ତବ
କରିବି ଉଠି ଭିକ୍ଷା, ଟିକେ ଥାନ,
ଦେବ କି ନାହିଁ ପତିତ-ଉଦ୍ଧାରଣ ?

Digitized by srujanika@gmail.com

ଶୁଣିଛୁ ତବ ରଥ ତଳେ ବଡ଼ ଅଛି
ଜଗତେ ଯେତେ ପଙ୍ଗୁ, ଥାନ ତଥି,
ଭଗ୍ନଜାନୁ ପଡ଼ିଛୁ ଏଥି ରହି
ଦୁଃଖକଥା ପାନ୍ଥଜନେ କହି,
ରଖିବ ନକି ମୋ ପାଶେ ତବ ଯାନ
ପଙ୍ଗୁରେ ଏ, ଦେବାକୁ ଟିକେ ଥାନ ?

ଲେଖାକାଳ—ବୋଧହୁଏ ୧୯୩୧-୩୨

Digitized by srujanika@gmail.com

ଜୀବ ଅକୃତଜ୍ଞ

ରୋପିଲି ଲତା, ଦିଏ କୁସୁମ ଗନ୍ଧ
କୁଟୀର ବାତାୟନେ ରଚନ୍ତି ଛନ୍ଦ ।

ରୋପିଲି ବୃକ୍ଷ, ଦିଏ ଛାୟା ଶୀତଳ,
ଋତୁରେ ଅର୍ପି ଭରି ଡାଳଇ ଫଳ ।

ପାଳିଲି ପଶୁ ଏକ ମୂକ ସେ ପ୍ରାଣୀ
ଶୁଝଇ ସ୍ନେହ ମୋର ହୃଦୟ ଜାଣି ।

ପାଳିଲି ନର ଏକ ପରମ ସ୍ନେହେ
ଗଲା ସେ ପଦାଘାତ ଦେଇ ଏ ଦେହେ ।

ବାରିପଦା—ତା ୮-୪-୧୯୪୯

Digitized by srujanika@gmail.com

କବିର ନିମନ୍ତ୍ରଣ

କବି ଯେବେ ଥିଲେ ଶଇଶବେ
ଜ୍ୟୋସ୍ନା ସ୍ୱପ୍ନ ସ୍ମୃତି ଖାଲି ଧରି;
ପାଇଲେ ସେ ଦିନେ ନିମନ୍ତ୍ରଣ,
ଭ୍ରମିଲେ ସେ ଡାକ ଅନୁସରି ।

ବୁଲି ବୁଲି ସି ଜଗତ ସାରା
ନ ପାଇଲେ କାହା ପ୍ରାଣେ ପ୍ରୀତି
ଶେଷେ କବି ଶୁଣିଲେ କାନନେ,
ଏକ ଫୁଲୁ ସେ ବିକଳ-ଗୀତି ।

କବି ଯେବେ ଫେରିଲେ ଯୌବନେ
ପୁଣି ତାଙ୍କୁ ଆସିଲା ଆହ୍ୱାନ
ବୁଲି ବୁଲି ବୁଝିଲେ ତା' କବି
ଷୋଡ଼ଶୀର ଆଦ୍ୟ-ପ୍ରେମ-ଗାନ ।

Digitized by srujanika@gmail.com

ବୃଦ୍ଧ ଯେବେ ହେଲେ କଷ୍ଟ ପୂର୍ତ୍ତି
ଡାକ ଆସି ବାଜେ କାନେ କାନେ
ଭ୍ରମି ଭ୍ରମି ଶୀର୍ଣ୍ଣ କଲେ ଦେହ
ନ ଶୁଣିଲେ ଡାକ କାହା ପ୍ରାଣେ ।

ଅବଶେଷେ ବୁଝିଲେ ସହସା
ନିଜ ହୃଦୁ ଆସୁଛି ସେ ଡାକ
ସେହି କ୍ଷଣୁ ଗାଇ ଛଣ-ଗୀତ
କାନ୍ଦୁଥାନ୍ତି ଏ ଜୀବନ ଯାକ ।

ଲେଖାକାଳ—୧୯୨୩

Digitized by srujanika@gmail.com

ସଂଧ୍ୟା

ଦିବା ହୁଏ ଅବସାନ ଅସ୍ତ ରବି-କର
ଅବର-ରଞ୍ଜିତ କରି ଅର୍ଦ୍ଧ ନୀଳାମ୍ବର,
ନିଶାନ୍ତ ପ୍ରଦୀପ ଶିଖା ସମ ଲିଭି ଆସେ
ପ୍ରଭାହୀନ କ୍ରମେ କ୍ରମେ । ସୁବର୍ଣ୍ଣ ବିଭାସେ
ଦୂର ଶୈଳ ଶୀର୍ଷେ ରାଜେ ପ୍ରଦୋଷ-ତପନ
ଗୋରଚନା-ବିନ୍ଦୁ ସମ ପରମ ଶୋଭନ
ନୀଳ ଦେହ ବିଷ୍ଣୁ-ଭାଲେ । କନକିତ ନଭେ,
କନକରଞ୍ଜିତ ପକ୍ଷ ମେଲ୍ଲଇଣ ଯେବେ
ଉଡ଼ଯାନ୍ତି ପକ୍ଷୀଦଳ ନୀଡ଼େ ଅନ୍ନ ଧରି
ବୁଭୁକ୍ଷୁ ସନ୍ତତି ଲଗି; ଯାଏ ବା ଫେରି
ନୀଳାକାଶେ ଛିନ୍ନ-ମାଳା ଅମ୍ବର-ବଧୂର
ନୀଳ କେଶୁଁ, ତପନର ବିରହେ ବିଧୁର ।
ବୁଡ଼ଇ ତପନ କ୍ରମେ, ଛାୟା ଆସେ ଭାସି
ବିପରୀତ ଦିଗନ୍ତରୁଁ, ଆଶଂକା ସେ ଗ୍ରାସି

Digitized by srujanika@gmail.com

ଆସେ ଯେତ୍ନେ ଉତ୍ସୁକତା ନବଙ୍କଶୋଷର
ଆଶା-ଉଦ୍ଦୀପିତ ଗଣ୍ଡ, ଶୁଣି ପ୍ରଣୟୀର
ସହସା ବିଦେଶ-ଯାତ୍ରା । ଅସ୍ତ ରବିକର
ଚୁମ୍ବିଲଣି ବୃକ୍ଷଶୀର୍ଷ । ଶରତ ମୁଖର
ହେଲଣି ଗ୍ରାମାନ୍ତ ବଟ ସଂଧ୍ୟା ବିହଙ୍ଗମେ
ଦିବସ-ବିରହ ପରେ, ଆକୁଳ ସଂଗମେ ।
ଫେରଇ କୃଷାଣ କ୍ଷେତ୍ରୁ ଗୃହେ, ଶ୍ରାନ୍ତ ଗତି
ଶସ୍ୟଭାର ଶିରେ ଧରି,—ରନ୍ଧିଥିବ ସତୀ
କୃଷାଣ-ଲଳନା ଚେଣେ ପତି ଆଗମନ,
ସଜାଡ଼ି ଦରିଦ୍ର-ଅନ୍ନ ।

ନିରୋଳ, ନିର୍ଜନ
ଶମେ ହୁଏ ଗ୍ରାମ-ପଥ । ପଥ ପାଶେ ବସି
ଦେଖୁଛି ମୁଁ ପରିଚିତ ମୋ ଗ୍ରାମ-ସରସୀ
ବିଟପ ବେଶଇ କେତ୍ନେ ସନ୍ଧ୍ୟାସ୍ନାୟୀ ଛଳେ,
ଘାଟରେ ତାର ସୀମନ୍ତିନୀ ଆସି ଦଳେ ଦଳେ
ପୂରଇ ନୀରବେ ଜଳ; କୁମ୍ଭ ଫେନ କାଖେ
ନୁଆଇଁ ସୁନ୍ଦର ଗ୍ରୀବା, ବିପରୀତ ପାଖେ
ହଲାଇ ମୃଣାଳ ଭୁଜ, ବଜାଇ କଂକଣ
ପରସ୍ପରେ କରି ଗୂଢ଼ ବ୍ୟାପାର ଭାଷଣ
ଗର୍ବାଲସା ହଂସୀ ସମ ମନ୍ଥରଗାମିନୀ
ଝୁଙ୍କାଛନ୍ତି ଜଳ ଧରି । ପ୍ରଦୋଷ ପଦ୍ମିନୀ
ମ୍ଳାନ ହୋଇଆସେ ଶୂନ୍ୟେ ତାଙ୍କ ମୁଖଛବି
ଉଦ୍ଭାସିତ ଗୃହାନନ୍ଦେ । ଅସ୍ତମାନ ରବି

Digitized by srujanika@gmail.com

ପଶ୍ଚପୃଷ୍ଠେ ଗଲେ ଏବେ ଶୈଳ ଅନ୍ତରାଳେ
ରଶ୍ମି ଦଶେ ମାନ୍ଦ ମେଘ-ମୁକୁଟିତ ଭାଳେ
ଅଭିଷିକ୍ତା ବାରୁଣୀର । ଗ୍ରାମ ସରସୀରେ
ପଂକଜ, ଶଂକତା ବଧୂ ସମ ଗୃହ୍ନି ମାତର
ଧୀରେ ଧୀରେ ମୁଦ୍ଦ ଆସେ । ଖଞ୍ଜନ ଚପଳ
ବିସ୍ତୀର୍ଣ୍ଣ ପଙ୍କଜ ଦଳେ ଲଘୁ ଚରଣର
ଲଘୁପାତେ ଭ୍ରମିଯାଏ ଅନ୍ୟ ସଚପୁଟନେ
ଶେଷ ଥର ଲଗି ଦିନେ, ଉତ୍କଣ୍ଠିତ ମନେ ।

ଲେଖାକାଳ—ସମ୍ଭବତଃ ୧୯୩୦

Digitized by srujanika@gmail.com

ଉଚ୍ଛଳ ଯୌବନ

ଅନ୍ୟମନେ ଦିଗ୍‌ବିଦିଗେ ବୁଲୁଥିଲି ବିଶ୍ୱବକ୍ଷ ପରେ
କାହାର ଆତ୍ମୀୟ ଡାକ ନ ପରଶି ଥିଲା ଏ ଅନ୍ତରେ,
ଏ ଜୀବନ-ସ୍ରୋତ ମୋର ଫିଙ୍ଗିବାକୁ ଆକୁଳ ଉନ୍ମାଦେ
ଆଉ କାହା ପଦେ,
ପିପାସା ନ ଥିଲା ଜାଗି କିଶୋରର ବକ୍ଷ ତଳେ ତଳେ ।

ତମେ ହେ ଯୌବନ କିନ୍ତୁ ସେଦିନ ସେ ଗୋଧୂଳି ଆଗମେ
ନଦୀତଟେ ଝୁଲୁଥିଲି ସ୍ୱର୍ଣ୍ଣଶାଢୀ ବାରୁଣୀ ଚରଣେ,
ହାତେ ଧରି ପୂଜାପାତ୍ର ସ୍ମିତହାସ୍ୟ ଅଧରେ ଭସାଇ
ନୀରବେ ଉଠାଇ
ଆଲିଙ୍ଗି ଧଇଲ ବକ୍ଷେ କରି ମୋର ଅପୂର୍ବ ସରମେ ।

ତମର ନୟନ ପରେ ଲାଗିଥିଲା କି ଅମୃତ ସତେ
ସ୍ୱପ୍ନରାଜ ଖେଳୁଥିଲେ ଲୁଚକାଳି ରଂଜିତ ସୀମନ୍ତେ
ଭରିଦେଲ ଉନ୍ମାଦନା ରକ୍ତେ ରକ୍ତେ ଶିରା ପ୍ରଶିରାରେ
ତାହାର ନିଶାରେ ।
ଆନତବେ ନେଇ ମୋର ନୁଇଁବାକୁ ଶିଖିଲି ଜଗତେ ।

Digitized by srujanika@gmail.com

କେବେ ମମ ମନ୍ତ୍ରି ଦେଲ ମହାରଙ୍ଗେ ଇନ୍ଦ୍ରଜାଲ ଧୂଳି
କପାଳେ ବୁଲାଇ ଦେଲ ସୌନ୍ଦର୍ଯ୍ୟର ମାୟାମୟ ତୁଳୀ
ଅଙ୍ଗେ ଅଙ୍ଗେ ଲଗାଇଲ ରମଣୀୟ ମଧୁର ପୁଲକ
ଜ୍ୟୋତିର ଝଲକ,
ନିଜ ମୁଖ ଛବି ପାଶେ ନିଜ ଚିତ୍ତ ପଡ଼ିଲା ଉଛୁଳି ।

ଏତେ ଶାନ୍ତ, ଏତେ ଧୀର ହୃଦୟ ମୋର, ହୋଇଲା ବିଦ୍ରୋହୀ
ଅହର୍ନିଶ ଅକାରଣ ଭ୍ରମିଲି ମୁଁ ବାୟା ପରି ହୋଇ
ପୂର୍ବର ଶୀତଳରକ୍ତ ଧମନୀରେ ସୃଜେ ଅଗ୍ନି-ଜ୍ୱାଳା
ନାହିଁ ମୋର ତୃଷା,
ଦୁର୍ଲଭ ଯା ଜଗତରେ, ତାର ପାଇଁ ମୋ ଚିତ୍ତ ଆଶାୟୀ ।

ଆଜି ହୃଦେ ପ୍ରାଣ ମୋର ଜ୍ୟୋତ୍ସ୍ନାଭରା ନିଶି ଚିରକାଳ
ସାଜି ଦେବା ମଳୟର ସୁରଭିତ ତରଳ-ସଂସ୍ପର,
ଯାପିବାକୁ ଏ ଜୀବନ ନଦୀତଟେ ପୁଷ୍ପକୁଂଜ ତଳେ
ଅନ୍ତ କୁତୂହଳେ
ଝୁହିଁ ଝୁହିଁ ତରଙ୍ଗର ରଙ୍ଗମୟ ଲୀଳାର ସଂସାର ।

ଆଜି ହୃଦେଁ ଖାଲି ସ୍ୱପ୍ନ, ତୃପ୍ତିମୟ, ବାସ୍ତବତାହୀନ
ପଲ୍ଲବିଣୀ କୁଞ୍ଜେ ବସି କାଟିବାକୁ ବସନ୍ତର ଦିନ,
ପକ୍ଷିନଟୀ ପକ୍ଷପୁଟେ ଥାପି ମଥା ଆକାଶେ ଆକାଶେ
ଶବ୍ଦହୀନ ହାସେ,
କରିବାକୁ ଚନ୍ଦ୍ରତାରା ସହ ସାରା ବିଶ୍ୱ ପ୍ରଦକ୍ଷିଣ ।

Digitized by srujanika@gmail.com

ଆଶା ମୋର, ଏ ଧରଣୀ ଆଚମ୍ବିତେ କେଉଁ ମନ୍ତ୍ରବଳେ
ନନ୍ଦନ ହୁଅନ୍ତା ପୁଣି କାହା କର-ପାଦ୍ମର ପରଶେ,
ଚଉଆଡ଼େ ଝରୁଥାନ୍ତା ମଲ୍ଲୀ, ଚମ୍ପା, କୁନ୍ଦ, ଶେଫାଳିକା,
ଗୋଲାପ କଳିକା
ଶ୍ୟାମା, ଶୁକ, ପୁଂସ୍କୋକିଳ ଗାଉଥାନ୍ତେ ଆନନ୍ଦ ହରଷେ ।

ପରିମଳ ବାହି ବାୟୁ ନୃତ୍ୟରତ ବୁଲୁଥାନ୍ତା ସୁଖେ
ଲେପୁଥାନ୍ତା ପୁଷ୍ପରାଗ ସବାଗରେ ଜନ ମୁଖେ ମୁଖେ
ପବଣବଶର ଶୀର ଚଉଆଡ଼େ ପଡ଼ନ୍ତା ଉଚ୍ଛୁଳ
ସବୁରନ୍ତା ଭୂମି
ସରଣୀରେ ଶାୟିତ ମୁଁ ଥାନ୍ତି ପୁଂଜ ମଥା ପଶି ବୁକେ ।

ଅଥବା ସେ କୁଞ୍ଜବନେ ବକୁଳର ସୁରଭିତ ତଳେ
ବସିଥାନ୍ତି ଷେଗି ଗଣ୍ଡେ ଜ୍ୟୋତ୍ସ୍ନାଚୁମ୍ବି ଗୁମ୍ଫାର ଗହଳେ,
ଏକାଳେ ସହସା ପଛୁ ଅଚହ୍ନା କେ ମଧୁର ପ୍ରେୟସୀ
ମୃଦୁ ହସି ହସି
ଆପଣାର ପଦ୍ମ କର-ସ୍ପର୍ଶ ଛାଇ ଦଅନ୍ତା ମୋ ଗଳେ ।

ତୁମ ଆଗମନ ସାଥେ ହେ ଯୌବନ ଜାଗିଛି ବାସନା,
ଅବାରିତ ଗତି ତାର, ନ ପାରେ ମୁଁ କରି ତାରେ ମନା,
ଏକାକୀ ଜୀବନ ଆଉ ବିତାଇବା ହୁଏ ଅସମ୍ଭବ,
ସମସ୍ତ ବିଭବ,
ଫିଙ୍ଗିଦେଇ ଖୋଜେ ପ୍ରାଣ ଜଣେ ସଙ୍ଗୀ ପ୍ରଣୟ-ଜୀବନା ।

Digitized by srujanika@gmail.com

ନିତି ନିତି ସେଥିପାଇଁ ଆସେ ପ୍ରାଣେ ନିମନ୍ତ୍ରଣ କା'ର
ସେଥିପାଇଁ କ୍ଷୁଦ୍ର ହୃଦୟ ଉଡ଼ିବୁଲେ ସମସ୍ତ ସଂସାର,
ନିଖିଳ ବକ୍ଷରେ ପଶି ଖୋଜେ ଖୋଜେ ଜୀବନର ଡାକ
ହୃଦୟ ଆଲୋକ
ନ ପାଇଲେ କାନ୍ଦି ପୁଣି, ଖୋଜିବାକୁ ବିଶ୍ୱରେ ବାହାର ।

ଉନ୍ମରଳ ଯଉବନ, କେତେ କାଳ ଥିବ ଉତ୍ତରଳ,
ପଞ୍ଚବଣୀ ଦେଉଥିବ କେତେ କାଳ ଚୁମ୍ବନ କୋମଳ
କେତେ ଦିନ କ୍ରୀଡ଼ାକର ସ୍ୱପ୍ନ ସଂଗେ ତେଜି ବାସ୍ତବତା
ଲଘୁ ମଧୁରତା
ଗାଉଥିବ ଜ୍ୟୋତ୍ସ୍ନା ସଂଗେ ରଙ୍ଗକ୍ରୀଡ଼ା ନୀରବ-ତରଳ ।

ଯାହା ଘଟେ ଏ ଜୀବନେ, ବକୁଳର ସୁରଭି ତରୁଣ,
ପାଏଁ ଯେହ୍ନେ ପ୍ରାଣେ ପ୍ରାଣେ । ଉସୁଥାଇ ପ୍ରଣୟ-ଅରୁଣ ।
ଜଗତର କୋଟି ହୃଦୟ-ଡାକ ଶୁଣେ ବିମୁଗ୍ଧ ପିପାସେ
ସାନ୍ତ୍ୱନା ଆଶେ
ଧାଉଁ ଏ ବୁକୁଟି ମୋର ଦିଗେ ଦିଗେ ଯୌବନ-କରୁଣ ।

ଲେଖାକାଳ—ସମ୍ଭବତଃ ୧୯୩୦-୩୧

Digitized by srujanika@gmail.com

ସୌନ୍ଦର୍ଯ୍ୟ ଓ ସଂସାର

କାବ୍ୟ-ପ୍ରିୟ କଲେଜ୍ ଛାତ୍ର ଜଣେ,
(ଯାହାଙ୍କ ସଂଖ୍ୟା ବହୁତ ବୋଲି ମୁଁ ଜାଣେ)
ବାପର ଖର୍ଚ୍ଚେ ହେବାରୁ ବିଦ୍ୟା-ଚର୍ଚ୍ଚା
ଚିତ୍ତ ଯାଁକର ରହିଥିଏ ଅନର୍ଥ ଫର୍ଚ୍ଚା,
ପୋଷାକ-ପତ୍ର ବଦଳର ସଙ୍ଗେ, ଗନ୍ଧଦ୍ରବ୍ୟର ଲହର
ବନ୍ଧୁ ମେଳେ ସିଗାର୍-ଧୂମେ
କେବଳ ଥାଏଟି ଗୁଲି,
ଫିଲମ୍-ତାରକା ଚର୍ଚ୍ଚା ପ୍ରହର ପ୍ରହର ।

ଚଶମାଟାଏ ଆଖିରେ ଥାଏ —
ଡାକ୍ତରଙ୍କ ଦାନ,
ସେଟା କିନ୍ତୁ ଯଥେଷ୍ଟ ନୁହେଁ
ଅଛି ତାର ପ୍ରମାଣ ।
ଜଗତ୍‌ଟାକୁ ଦେଖିବା ପାଇଁ ଚଶମା ଏକ ଆଉ
ଯୌବନ ଯେ ଯାଇଛି ଦେଇ, ଯେବେ
ଧ୍ୱଂଶ ହେଲା ଆୟୁ ।

ସେ ଚଶମାରେ, ଜଗତ୍ ଦିଶେ ରଙ୍ଗୀନ୍
ସାମାନ୍ୟ ଯା ଘଟଣା ଦିଶେ ସଙ୍ଗୀନ୍
ଧର୍ମ-ମୟ ଜୀବନ ଦିଶେ ନର୍ମ-ମୟ ଦୋଳି
ଚର୍ମ-ଗଣ୍ଡ ଦିଶେ ସ୍ୱର୍ଣ୍ଣ ହୋଇଲା ପରି ବୋଲି ।

Digitized by srujanika@gmail.com

ଏପରିକାଯେ କଲେଜ୍ ଯୁବା,
                    କୋହ୍ନି ସେ ଗ୍ରାଜୁଏଟ୍
ପ୍ରାଣର ଦୋସର ଅନ୍ୱେଷଣେ ହୋଇଲେ ଛଟରପଟ୍ ।
ପର୍ଦ୍ଦା ଆଜି ରଙ୍ଗମଞ୍ଚ, କାବ୍ୟ, ନାଟ୍ୟ-ଗୀତ
ସର୍ବେ ମିଶି ଚିତ୍ତ ତାଙ୍କ କରିଲେ ଉଦ୍‌ବେଳିତ;
          କରିଲେ ସେ ଯେ ସ୍ଥିର,
ତରୁଣୀ ବିନା ତରୁଣ ପ୍ରାଣ ଏକାନ୍ତ ମାଟିର ।

ଭାଗ୍ୟେ ସେ ସାଲ୍ ଡିଗ୍ରି-କଳସ
                    ତରୁଣ ଗଲେ ପାଇ,
ଡଜନ୍ ଡଜନ୍ କନ୍ୟା-ପିତା ଚକିତ ହେଲେ ଧାଇଁ,
ବିଦ୍ୟା, ରୂପ, ସଂପଦ ବା କନ୍ଥିର ଅଭାବ ନାହିଁ,
ଏଇତ ଠିକ୍ ଆମର ଲକ୍ଷ୍ମୀ ପାଇଁ !

କାବ୍ୟପଢ଼ା ତରୁଣ କିନ୍ତୁ କରିଲେ ସିଦ୍ଧାନ୍ତ
ପାଆସ୍-କରା ତରୁଣୀ ନେଇ ନ ହେବେ ପ୍ରାଣାନ୍ତ !
          କଣ୍ୱାଶ୍ରମ ଶକୁନ୍ତଳା
          ଅନାଘ୍ରାତା, ସୁଚୁମ୍ବିତା,
          ଅନଭିଜ୍ଞା, ସ୍ୱସଂପୂର୍ଣ୍ଣା
          ମଧୁରଣୀକା, ସ୍ୱର୍ଣ୍ଣବର୍ଣ୍ଣା,—
ଏପରି ଏକ ଲଜ୍ଜାବତୀ ସୁନାର ପ୍ରତିମୂର୍ତ୍ତି
ପାଇଲେ ଯାଇଁ ହୋଇବ ତାଙ୍କ
                    ରୂପ-କ୍ଷୁଧାର ପୂର୍ତ୍ତି !

Digitized by srujanika@gmail.com

ତାହାଙ୍କ ହେଲା । କତାଣି-କନ୍ୟା-ପିତା-ମାତାଙ୍କୁ ଘଙ୍କି
ପଲ୍ଲୀ-କନ୍ୟା ବାଛିଲେ ଶେଷେ, ନିଜସ୍ୱ ଶୋଷିଙ୍ଗୀ ।
କେଉଁ ସେ ଏକ ଗ୍ରାମ୍ୟ ଜମିଦାର
ବେପ୍ଟୁକେ ଗଢ଼ା ଯାହାଁକ ଘରଦ୍ୱାର,
ପଦ୍ମ ପର ପଂକଳ ପଲ୍ଲୀରେ
ମା-ଓଲଆଣି ଫୁଟିଥିଲା ସେଇ ଘରେ
ଅନନ୍ୟ ରୂପସୀ
କନ୍ୟା ସେ ଯେ ଯୁଗ୍ମ-ଚତୁର୍ଦ୍ଦଶୀ ।

ମାଆଠୁ ସିନା ପାଇଥିଲା ଯେ ବାହାର ଆବରଣ,—
ଭିତରେ ଆତ୍ମା, ମନ
ଠିକ୍ କରୁ ଥିଲ ବାପର୍ ପରି,—
ଅତି ପ୍ରାକ୍‌ଟିକାଲ୍,
ଏକଟଙ୍କା ମାଲ୍
କପରି ହେବ ଦୁଇଟି ଟଙ୍କା, ଜାଣେ ସେ ଉତ୍ତମେ
ଫସାରଟା ଫସାଉଇ
ଥିଲା ସେ ନବ ନାୟିକା ନୟନେ ।

ତରୁଣ ସେ ନଯ ନିଜେ
କରଣ ସେଠି ଭଜେ,
ଦେଖିଲେ ଯେବେ ତା ଦେହ-ଲତା ପଲ୍ଲୀ-ଭୂମିକାରେ
କ୍ଷେତମାଳେ, ପୋଖରୀ-କୂଳେ, ଆମ୍ରତୋଟା ମାଳେ,
ଠିକ୍ କଲେ ଶେଷେ
ଯା' କହୁ, ଯେ' ସେ,

Digitized by srujanika@gmail.com

ସେଇ ହିଁ ହେବ ଅଂକ-ଲକ୍ଷ୍ମୀ
 ଦେହ-ମନ-ସଙ୍ଗିନୀ
ଶୁଷ୍କ, କଠୁର ଯାତ୍ରା-ପଥେ
 ଜୀବନ-ସଞ୍ଜୀବନୀ ।

 କେତେକ ମାସ ପରେ
 ବସ୍ତ୍ର ଭୂଷଣରେ,
ସେହି ସେ କନ୍ୟା ନୂତନ ବଧୂ ରୂପେ
ପଶିଲେ ଯେବେ, ପୁଷ୍ପ-ଶେଯର
 ଉଷ୍ଣ ଅନ୍ଧକୂପେ,
ବ୍ୟଗ୍ର ତରୁଣ ରହିଲେ ଚାହିଁ
 ଅନନ୍ଦ୍ୟ ସେ ମୁଖେ,
କହିବାର ଯା ବହୁତ କଥା
 ରହିଗଲା ତା ବୁକେ ।

କ୍ରମେ କ୍ରମେ ଆସ୍ତେ ଆସ୍ତେ
 ହୋଇଲା ଆଳାପନ,
ହସ୍ତଗତ ହେଲା ତ ଶେଷେ ପ୍ରାଣର ସେ ସ୍ୱପନ !
 ତରୁଣ ଟେଣ୍ଡୁ ପୁଛନ୍ତି ବଧୂର
 ଅନ୍ତସ୍ଥଳର କଥା ଦୁଇ ଚାରି !

"ଗାଆଁ କୁ ତମର ଯାଇଥିଲି ଯା,
 କଅଣ ମନେ କଲ ?"
ଉତ୍ତରେ ସେ କହିଲେ ନବ୍ୟା ବଧୂ
"ଶୁଣିଲି ବାବୁ ଆସିଛନ୍ତି ପଢ଼ା, କରିବେ ଆମ ଗ୍ରାମେ
 ଟିକସ ଅସଲ !"

Digitized by srujanika@gmail.com

"କେହ୍ନି କି ସତେ ନ ଥିଲେ କହ୍ନି,
ବଡ଼ ହେବାର କଥା ?"
କହିଲେ ବଧୂ ନୁଆଇଁ ଗ୍ରୀଟ ମଥା,
"ବହୁତ ପରେ ସଂଗ-ସୁଂଗା କରିଲେ ମତେ ଥଟ୍ଟା ।"

"ଜାଣିଲ ପରେ ?"—
ଜବାବ୍ ନାହିଁ !
ଜବାବ୍ ନାହିଁ !
ତରୁଣ ଗୃହିଁ
ସ୍ୱର୍ଣ୍ଣ-ମୁଖେ ପଲ୍ଲବପାନ୍ତ ପୁଣି,
"ବଡ଼ ହେବାର ଘଟଣା ଶେଷେ ଶୁଣି
କଅଣ ତମେ ଭାବିଲ କହ ସତେ !"
"କାନ୍ଧ ମାଡ଼ିଲ ମତେ !"

ସ୍ମୀତ ତରୁଣ,
ବଦନ ଲଜ୍ଜାରୁଣ
ହୋଇଲ ତାଂକ, ଭାବିଲେ ମନ୍ଦାରେ
—ଏଇ କି ଚେତେବ ଏ ବାଳିକାର ପ୍ରଣୟ ମୋହଠାରେ ?
ଦନ୍ତ ଧଳି ପୁଟ,
ସୁନ୍ଦର, ମଣ୍ଡନ
ବଧୂ ବଦନ ଟିକାଏ ଟେକ ଝଙ୍କାଇଲେ ହସି,
"କାନ୍ଦିଲ କପାଇଁ ?
ବିବାହଟା କି ଷଟଦ୍ ନା କ'ଣ
ବର୍ଣ୍ଣିଷିକା ପାଇ ?"

Digitized by srujanika@gmail.com

ନମ୍ରସ୍ୱରେ ଅର୍ଦ୍ଧସ୍ମିତେ କହିଲେ ନବପ୍ରିୟା
"ବାପା ବୋଉଙ୍କୁ ଛାଡ଼ିଗଲେ କି ନାହିଁ ବାଧିବ ହିୟା ?"
"ତା'ତ ଠିକ୍" କହିଲେ ଯୁବା,
"ସାରା ଦିବସ ଗତ
"ସେଥିପାଇଁ ତ ନ କାନ୍ଦେ କିଏ ଫଟାଇ ତଣ୍ଟି, ଛୁଟି ?
କେତେବେଳେ କି,
ବସୁଁ ଏକାକୀ,
ଘରେ ଅବା ବାହାରେ,
ଏ ଲୋକ କଥା ନ ଉଠୁଥିଲା
ଟିକିଏ ଏ ହିୟାରେ ?
ଗାଆଁରୁ ତମର ଫେରିଲା ଦିନୁ
ତମର ମଧୁର ସଙ୍ଗ ବିନୁ
ଦିନ ଯେ କଟେ, ଜାଣନି ତମେ
ଜରୁଆ ମତ୍ତ ପରି,
ଖାଏନି ଭାତ, ଶୁଣେନି ଗୀତ
ତୁମକୁ ସ୍ମରି ସ୍ମରି ।
ସତଟି କହ, ସରମ ଛାଡ଼ି,
କେବେ କି ହେଲେ ମନେ
ନ ଭାବୁଥିଲ, ତମ ପାଇଁ ଯେ
ମରଇ ଅନୁକ୍ଷଣେ !"
"ଭାବୁଥିଲି, ହିଁ !"—
ଶୁଣି ସେ ପଦ,
ଉଦ୍‌ଗ୍ରୀବ ରସିକ,
ଜିଜ୍ଞାସନ୍ତି, "କି ଭାବୁଥିଲ,
କହତ ମତେ ଟିକେ ।"

Digitized by srujanika@gmail.com

"କପର କସ ?"
କହିଁଲ ବଧୂ,
"ପଡ଼ନ୍ତ ଏ ମନରେ
ସଭିଏ ଯେହ୍ନେ, ତମୁକୁ ସ୍ମରେ, ସେପରି ଥରେନା ଥରେ !"

"ସଭିଙ୍କ ପରି ମୁହିଁ କି ଜଣେ,
ଅଧିକା କିଛୁ ନାହିଁ ?
ସ୍ୱପ୍ନ ନାହିଁ ଦେଖୁଥିଲ କି ଆମର ମିଳନ ପାଇଁ
ମୋହର ସାଥେ, ବିଜନ ଘରେ, ଦକ୍ଷିଣା ବତାସେ
ପ୍ରାଣର କଥା ଶୁଣିବା ପାଇଁ ନବସି ପାଶେ ପାଶେ ?

କହିଲେ ବଧୂ, " ଭାବିବା ପାଇଁ ବେଳ ତ ଥିଲ ନାହିଁ,
ଖଟଣି ଖଟି ନ ଥାଏ ବେଳ ବେଳର ଅନ୍ନ ପାଇଁ !"

"ଏତେ ବା କାମ୍, କି ଥିଲ ତବ, କି ଅବା ଯୋଡ଼ା କାମ ?"
"ବୋଉ ତ ମତେ" କହିଲେ ବଧୂ "ନାହିଁ ଦିଏ ବିଶ୍ରାମ;
ଶାଶୁଘରକୁ ଆସିବ ବୋଲି, ଖଟାଇ ଦିନରାତ
ନାନା କାମରେ, କଲ ସେ ମତେ ଜଳନ୍ତା ଇଟାଭାଟି ।
ସାଇ ପଡ଼ଶେ କହଇ ପୁଣି—"ଏମିତି ହେବ ଗଢ଼ା
ସାଙ୍ଗଟି ମୋର; ପରଶଁସିବେ, ଶଶୁରଶାଶୁ ଦୁହେଁ
ଏ ମୋର ହାତର ପଢ଼ା ।
କାହାର ହେଲେ ଖୁଣିବା ପାଇଁ ନାହିଁ ନ ଥିବ ବାଟ
ଯହିଁସେ ଯିବ ଧନ୍ୟବାଦ ପାଉଥିବ ଏ ହାତ ।
ଏମିତି କରି ଘଷିପରଗଠ୍ ରୁମାଲ୍ ବୁଣାପାଏଁ
ଖଟି ଖଟିତ ଶୋଇବାକୁ ହିଁ ବେଳ ମୋ ନାହିଁ ଥାଏ !"

Digitized by srujanika@gmail.com

ଶୁଣିଲେ ସେ ତରୁଣ
ବରକ୍ତରେ ଏଥର ତାଙ୍କ ସ୍ୱପ୍ନକୋମଳ ମୁଖ
ହୋଇଲା କ୍ରୋଧାରୁଣ,
ବସ୍ତୁରହୀନ ସମାଜ ପ୍ରତି ଛାଡ଼ିଲେ ତୀକ୍ଷ୍ଣ ଶର
"ବଧୂ କ ଖାଲି କରିବ ସେବା ଶ୍ୱଶ୍ରୂ-ଶଶୁରର ?
କାହିଁଗଲା ସେ ବାକ୍ୟଚର୍ଚ୍ଚା,
ଯୌବନର ରୋମାଣ୍ଟିକ୍ ପତ୍ର-ବନମୟ ?
କାହିଁଗଲା ସେ ଶକୁନ୍ତଳାର
ଧ୍ୟାନ ବା ସ୍ୱପ୍ନମୟ ?
ଶିକ୍ଷା କ'ଣ, ଚୂଲିଜଳା ଓ ପୋଡ଼ପିଠା ପ୍ରଭୃତି,
ଖୁଡ଼ୀଶାଶୁର ଚରଣସେବା, ପାଳିବା ପୁଣି ଅଧଡଜନେ କୃତି !
ନ ଷ୍ଟ ହେବ ଧ୍ୱଂସ,
ଯେଉଁ ସମାଜ ସୌନ୍ଦର୍ଯ୍ୟକୁ ଏପରି ନୃଶଂସ !"

ନିକ୍ୱଣ

(ଅସଂପୂର୍ଣ୍ଣ ଗୀତ-କାବ୍ୟ)

Digitized by srujanika@gmail.com

ନିକ୍ୱଣ

—୧—

"ରାଜ ଦରବାରେ ଅଛି
କବିର ଆସର
ହେ ନଗରବାସୀ,
କେ ଅଛ ହେ ଗାଇପାରେ, :
ଜୀବନର ଗୀତ
ଦେଖା କର ଆସି ।

"ନୃପତି ଦକ୍ଷିଣ ପାର୍ଶ୍ୱେ,
ପାଇବ ଆସନ,
ସମ୍ମାନର କଥା,
ପ୍ରତିଦିନ ଗାନ ଗାଇ
ଆଣିବ ମାଣିକ୍ୟ
ଉଜ୍ଜ୍ୱଳିବ ମଥା ।

"ମନ୍ତ୍ରଶାଳାର ଦ୍ୱାର
ବକ୍ଷେ ପୁଣି ପଢ଼
ଶୋଭପାଠରେ ଧନେ,
ରାଜକନ୍ୟା ରାଜପୁତ୍ରେ
ଶିଖାଇବ ଶ୍ଳୋକ
ପ୍ରମୋଦ ବଗିଚେ ।

Digitized by srujanika@gmail.com

"ପ୍ରମୋଦ ବଗିଚେ ତାଙ୍କ
ହେବ ବସବାସ
କବି ସମୁଚିତ,
"ଈ-ବସନ୍ତେ ବସନ୍ତରେ
ଟେଲ ସୁଷମା
ଯହିଁ ବରଗଛ ।'

"ଆସ କେ ଅଛ ହେ ଏଥି,
ଖେଳ ଏ ପଦକ୍ଷି,
ସମ୍ମାନର କଥା"

"ମୁହିଁ ଯିବି ସେ ବଗିଚେ
ଯହିଁ ପୁଷ୍ପବଧୂ
ଚିର ହାସ୍ୟରତା ।
କବୁଥାଉ ହାବ ମଣି
ରାଜଗନ୍ତାଘରେ
ନାହିଁ ଦରକାର,
ବାଣୀ-କଣ୍ଠ-ପୁଷ୍ପମାଳା
ଯଦି ହୁଏ କେବେ
ମୋର ପୁରସ୍କାର ।"

ତା ୨୦ । ୩ । ୧୯୬୭

Digitized by srujanika@gmail.com

—୨—

ପ୍ରମୋଦ କାନନେ କବି ସୁଖେ କାଳ କାଟେ ହେ
ସୁଖେ କାଳ କାଟେ,
ଜୀବନ-ତରଣି ବିଁଧା ସୁଖ-ନଦୀ ଘାଟେ ହେ
ସୁଖ ନଦୀ ଘାଟେ ।

ଚଇତ ଉଦାସ ବାଆ ବହଇ ସେ ବନେ ହେ
ବହଇ ସେ ବନେ,
ଫୁଟାଏ ବକୁଳ କଳି ଅତି ସଗୋପନେ ହେ
ଅତି ସଗୋପନେ ।

ପ୍ରମତ୍ତ କୋକିଳ-ବଧୂ ଭଙ୍ଗେ ତାଙ୍କ ନାଦ ହେ
ଭଙ୍ଗେ ତାଙ୍କ ନାଦ,
କବିର ବାସନା ଯେଣୁ ହୋଇଅଛି ସିଦ୍ଧ ହେ
ହୋଇଅଛି ସିଦ୍ଧ ।

ରାଜପୁତ୍ର ରାଜକନ୍ୟା ସରଗର ଛନ୍ଦ ହେ
ସରଗର ଛନ୍ଦ,
ତାଙ୍କୁ ଲଭିଁ କବି ହୁଏ ଆନନ୍ଦେ ବିଦଗ୍ଧ ହେ
ଆନନ୍ଦେ ବିଦଗ୍ଧ ।

କୁଞ୍ଜେ କୁଞ୍ଜେ ବୁଲେ କବି ଖେଳେ ତାଙ୍କ ସଙ୍ଗେ ହେ
ଖେଳେ ତାଙ୍କ ସଙ୍ଗେ,
ଦିନମାନ ଯାଏ ବନ୍ଧୁ ବିନୋଦ ପ୍ରସଙ୍ଗେ ହେ
ବିନୋଦ ପ୍ରସଙ୍ଗେ ।

Digitized by srujanika@gmail.com

ରାଜ ଦରବାରେ କବି ଗାଇଥାନ୍ତି ଗୀତ ହେ
ପାଇଥାନ୍ତି ମଣି,
ଯେଉଁ ପଥେ ଧନ ଜନେ ଦେଇଥାନ୍ତି ଫିଙ୍ଗି ହେ
ହୃଦୟେ କି ମଣି ।

ଏ ଜୀବନ ମିଳେ ଯଦି ଏଇ ଧରା ପରେ ହେ
ଏଇ ଧରା ପରେ,
କପାଇଁ ମଣିଷ ନିଜ ଜୀବନେ ଧିକ୍କାରେ ହେ
ଜୀବନେ ଧିକ୍କାରେ ।

ତା ୨୯ । ୩ । ୧୯୨୭

—୩—

"ରାଜପୁତ୍ର,
ପ୍ରାତଃକାଳେ ଆଜ,
ଆସିଥିଲେ ଯେ ଅବଳାବ୍ରଜ,
ବୁଲିବାକୁ ପ୍ରମୋଦ କାନନ—
ଜାଣିଛ କି ?—କିଏ ସେ ?—ସୁମନ—
ବଣି ବଣି ତୋଳି ଗଚ୍ଛୁ ଗଚ୍ଛୁ,
ଗଲେ ଚୁଲି ।

ସେହୁଁ କ୍ଷଣେ ପଚ୍ଛୁ,
ଏକ ବାଳା-ନୟନେ ମୋହର
ଆଖି ମିଶିଗଲା ଚର ଚର

Digitized by srujanika@gmail.com

ଚମକି ମୁଁ ଲୁଞ୍ଜେ ଗଲି ପଶି
ଆଜ ବୁଝିବାକୁ ନ ଭରସି
କେ ସେମାନେ ?"

"ମାମା ଆସିଥିବେ,
ଗଛଲତା ଥରେ ଦେଖିଯିବେ,
ସହଚରୀମାନ ସାଥେ ଧରି,
ଯିବେ ବୋଲି ଏ ବନେ ବିଚରି ।"

"ମତେ ଦେଖି କ୍ରୁଦ୍ଧ ହେବେନି ତ ?"

"ଏତେ ମାତ ନୁହେଁ ତାଙ୍କ ଚିତ୍ତ"

"ନାହିଁ ନାହିଁ ବୁଝିବ କୁମାର,
ସଂସାରର କୁଟିଳ ବେଭାର,
ପିଲା ତମେ କି ବୁଝିବ, ଧନ,
ବୁଝ ଦେଖି ରାଣୀ-ମା'ଙ୍କ ମନ ।"

ତା ୨୯ । ୩ । ୧୯୬୭

—୪—

"ମହାଶୟ, ଶୁଣ ସେଦିନ ସକାଳେ
ଆସିଥିଲେ ପାଞ୍ଚଅପା,
ତମକୁ ସଭିଏଁ ଦେଖିଛନ୍ତି, କିନ୍ତୁ
କେହି ତ ନୁହନ୍ତି ଖପା !

Digitized by srujanika@gmail.com

ଅପା ପୁଣି ମତେ   ପଚାରିଲେ କେତେ
ତମ କଥା, ତମ ଗୀତ,
କରୁଥାଅ କବି   ଜନମାନ, କେଉଁ
କରମେ ବିଶେଷ ପ୍ରୀତି ?
କି କି ବହି ପଢ଼ ?   କି ଅଭାବ ତବ ?
ଆଜି କିଏ ଅଛି ଘରେ ?
ପିଲାଦିନୁ ତମେ   ବଢ଼ି ଆସିଅଛ
କାହାର ମଙ୍ଗଳ କରେ ?
କବିତା ଲେଖୁଛ,   ରଖି ତ ପାରିଛ ?
ନ କର କି ଯଶ ଆଶା ?
କରୁଛ ତ ଇଚ୍ଛା   ଦେବାକୁ ଅମର
ମଣ୍ଡାଇ ନିଜର ଭାଷା ?
କେ ତୁମରେ କଣ୍ଠ   ଆଦର, ସଂଖୋଳା
ଚରଣୁ ଦିଅଇ ଟାଳି,
କାହାର ଚରଣ   ବିଆଏ କି କ୍ଷଣେ
ତମ ଶୁଭାଶୁଭ ଭାଳି ?
ଅଥବା କେ ଅଛି   ତୁମର ପୀରତି-
ଭଜନ ଏ ଧରାପରେ ?
କହିଛନ୍ତି ଅପା   ବୋଲି ମହାଶୟ
କହିବି ଫେରିଲେ ଘରେ ।
କହିଛନ୍ତି ପୁଣି   କବିତା କେତୋଟି
ଦେଖିବେ ଦିଅ ମୋ ହାତେ,
ଇଚ୍ଛା ଯଦି ଥାଏ,—   ନ ରଖି ପାଖରେ
ଫେରାଇବେ ସାଥେ ସାଥେ ।"

ତା ୩୦ । ୩ । ୧୯୬୭

Digitized by srujanika@gmail.com

—୫—

"ପ୍ରେମମଣି, ଆହା ପଶ୍ଚତ ପଥ
କାହାର ଅନୁସରଣ କରି,
ଏ ଜୀବନ ମୋର ବଢ଼ି ଆସିଅଛି
ଏତେ ଦିନ ଧରାପରେ ?
ହାୟ ଦୟାମୟି ବିଶ୍ୱାସ ହେବ କି
ମୋର ବୋଲି ନାହିଁ କେହି,
ଜାଣିନି ଜୀବନେ ଆଦର ଶରଧା
ଏ ଦୁଃଖୀ, କନକଦେହି !
କେହି ତ କେବେହେଁ ଶୁଶ୍ରୁଷେ ମୋର
ଜନ୍ମରୁ ତାଳନ ଲୁବ୍ଧ,
ତମ ହୃଦେ କିଆଁ ମୋ ପାଇଁ ସରଳେ,
ଅଛି ଏ କରୁଣା-ସୁଅ ?
ଏତେ ଦିନ ଗଲା ବନ୍ଧ ମୋ ଜୀବନ
ଅନାଦର ସଖୋଳା ମଝେ,
ତୁମେ ସୁଧା କେହି ତମ ପରି ଜେମା
କରନ୍ତି ତ ଏ ଜଗତେ !
ଅପରିଚିତ ମୁଁ କ୍ଷଣେ ଦେଖା ସିନା
ତଥାପି ଏ ସମାଦର,
ଜାଣେନା ତାଙ୍କର ଲୋକ ପରିଜନ
ପାଉଥିବେ କି ଆଦର !"

Digitized by srujanika@gmail.com

—୭—

"କହ ହେ,
କେମା ଦେଇଛନ୍ତି   ଏ ସୁମନ ମାଳା
ଘେନ ହେ ଗଲେ,
ସରଳ ହୃଦୟର   ପ୍ରୀତି-ଉପହାର
ଧରି ହେ କରେ ।"

"ଘନ କହ ପାଇଁ   କେମାଙ୍କ ଆଦର
କପାଳିଁ ଏତେ ?
ପରିଚୟ ଖାଲି   କ୍ଷଣ ପାଇଁ ସେହି
କାନନ-ପଥେ ।
ଏତେକ ମାନର   ଭାଜନ ନଇ ମୁଁ
ସତେ ହେ ଜେମା ?
ନାହୁନ୍ତି ଦୟା ଯେ   କେତେ ଅଜ୍ଞାତର
ତୃଣଯୀ ସମା ।
ଅକଳ୍ପିତ ଏ   ଜେମାମଣି ଦୟା
କବର ପରେ,
କେଉଁ ଦେବତାର   ପରସାଦ ଏ ଯେ
ମୋ ପରେ ଝରେ !
ମାଳା ଦେଇ ଜେମା   କହିଛନ୍ତି କିଛୁ
ତୁମରେ ଦୂତ ?"

"କହିଛନ୍ତି ଖାଲି   ଘେନିବାକୁ ଟିକେ
ଭରଷା-ସୂତ ।"

Digitized by srujanika@gmail.com

—୭—

"ଏଥର-ଭିଖାରୀ ମୁହିଁ ଯେ କବି
ବଡ଼ ହୀନ,
ବକ୍ଷେ ଥିବା ଏ ବୀଣାରେ ମୋର
ଜୀବନ ଲୀନ ।
ଚମତ୍କାର ! ଏ କେମାର ଦସ୍ୟା
କବିର ଘରେ,
କେଉଁ ଦେବତାର ପ୍ରସାଦ ଏ ଯେ
ତା'ଏରେ ଝରେ !
କପାଇଁ ତ୍ରଣସୁ ଡାଳେ ସେ ଗଜ—
ବାଲା ହେ ଦୁଷ୍ଟ ?"

"ତୁମ ସଙ୍ଗୀତେ ଆଜ ଯେ କବି
ଶତ ଲୁଣ୍ଠ ।
ତୁମ ଗାନ ଗାଏ ମୁଗ୍ଧ ପ୍ରେମୀ
ପ୍ରିୟାର କୋଳେ,
ତୁମ ଗାନ ଗାଏ କେଦାରେ ଚଷା
ଆମୋଦ ଭୋଳେ ।
ପଥେ ପଥେ ଜୟ, ଗଗନେ ଉଡ଼େ
କୀର୍ତ୍ତି-କେତୁ,
ସବୁ ସ୍ୱପ୍ନ ସାଥେ ତମ ଜୀବନର
ପାତିଛ ସେତୁ ।

Digitized by srujanika@gmail.com

ପ୍ରାସାଦ-କକ୍ଷେ ବାତାୟନ ଦେଇ
ଭ୍ରମର ଗାନ,
ଦକ୍ଷିଣ-ବତାସ- ହିଲ୍ଲୋଳେ ଢନେ
ପାଇଲା ଥାନ ।
ଗାନ ରସେ ଜେମା ଅନ୍ତ ଉତ୍ତଳ
ସ୍ନେହାର୍ଥିନୀ,
ନିଜ ହାତ-ଗୁଁଥା ଦେଲେ ଏ ହାର
ବନ୍ଧୁ ମଣି ।
କର ନା ନଶ୍ୱର, ଏ' ହାରେ ନାସ୍ତି—
ଚରିଳ ହିସ୍ତା,
ପଠାଇ ଦେଇଛୁ କାନ୍ତରେ କହ—
ମମତା-କଥା ।

ତା ୨୧ । ୩ । ୧୯୨୭

—୮—

ମାଳା ପରେ ଦେଇଛନ୍ତି ଭାଷା,
ଆଜ ଜେମା, ସଖ୍ୟ କର ଆଶା !
କି ରହସ୍ୟ !
ମୁଁ ବୟସ୍ୟ —
ହେବ ବୋଲି ଜେମା ଦେଲେ ଭାଷା !

Digitized by srujanika@gmail.com

ଅସମ୍ଭବ, ଅସମ୍ଭବ ଏ ଯେ,
ରାଜଜେମା, ଅନ୍ଧକାରା ସେ ଯେ,
ମୁଁ ଯେ ଘନ
ଗୁଣହୀନ
ଏଥି କେ କି ସ୍ନେହାଦର ତେଜେ !

ଏଇ ତ !—ଜେମାର ହାତ ଲେଖା—
"ଜବ ମତେ ନ କର ଉପେକ୍ଷା,"
ଏ କି ସତ ?
ଅସଙ୍ଗତ !
ମାୟା ଘର ମତେ ଯାଏ ଦେଖା !

ମୋର ! ମୋର ! କି ଅଜ୍ଞ ହେ ଦୂତ,
ଯାହା ପାଇ ଜେମା ହେବେ ପୂତ,.
କି ଜଞ୍ଜାଳ !
ଅସମ୍ଭାଳ
ଜେମା, ଲଭେ ମୋହ ସ୍ନେହାମୃତ ?

ପତ୍ର-ବାହ୍ନି, କି ଦେବ ଉତ୍ତର ?
ଜେମା ପାଶେ ଭିକ୍ଷା !—ଗୁରୁତର
ବ୍ୟବସାୟ !
ମୋତେ ହାୟ !
ବଡ଼ ଠକିଲେ ଶରକାଳ ଡର !

Digitized by srujanika@gmail.com

ରାଜକୁଳ ! ନେମାଙ୍କ ମହତ !
ମୋର ବୁଦ୍ଧି ଖାଲି ପୋଥିଗତ !
କଥା ଭାଷା
ବେଶ, ଢାଁଶା,
କାହିଁ ମୋର ରାଜ-ଅନୁଗତ ?

ବଡ଼ ଲାଜ ଲାଗେ, ଫେର୍ ଆଜ,
ଭାଷା ଦାନେ, ମନ ନୁହେଁ ରାଜ
ଯାଅ ଦୂତ
ଅଦଭୂତ
ମୋ ଜୀବନେ ଏ ଘଟଣା ରାଜ !

× × ×

ଆଚ୍ଛା, ଅଚ୍ଛା ରହ ରହ କ୍ଷଣେ;
ଅପରାଧୀ ସାଜ କ କାରଣେ !
ଏତେ ପ୍ରୀତି
ଏ ବିନତି
ଏ ଯେ ଆଶା ଭାଙ୍ଗିବ କେମନେ !
ତା ୨୩ । ୩ । ୧୯୨୭

—୯—

"ପୂଜନୀୟେ ତବ ଚରଣେ ପ୍ରଣମି
ଲେଖୁଛୁ ଭାଷା,
କବି-ସଖ୍ୟ ପାଇଁ କହିବ କ କପା
ଏତେକ ଆଶା ?

Digitized by srujanika@gmail.com

ଆପଣଙ୍କ ପଦ ପାଇଛି,—ଶିରରେ
ନେଇଛି ତୋଳି,
ଆପଣଙ୍କ ହାର-ସୁମନ-ରଜକୁ
ହୋଇଛି ବୋଳି ।

ଭାବେ ଭାଗ୍ୟବାନ ମୋ ଭଳି ଆଉ କେ
ଅଛି କି ଦେଶେ,
ରାଜଜେମା ଯାହାର ହାତରେ ପ୍ରସାଦ
ଅନ୍ନଦା ବେଶେ ।

ଅନୁଗ୍ରହ ଦେବ, ଆଉ ଚିରଦିନ
ଏ ଦାନ କର,
ଯାଚୁଥିବ ଦିନ ଆନନ୍ଦେ, ତୁମର
ଚରଣେ ସ୍ଥିର ।

ମୋଠାରୁ ପ୍ରଣୟ ?—ସେ କି କଥା ଜେମା,
ଦାସାନୁଦାସ,
ଏ କିବା ତୁମର, ସେବକର ମାନ
ତାହାର ଆଶ ।

ରାଜକନ୍ୟା ତମେ, ପଥ-ଭିକାରୀ ମୁଁ
ଜାଣ ତ ଦେବୀ,
କେଉଡ଼େ ଗନ୍ଧରବ ହୁଅନ୍ତା ପାରିଲେ
ଚରଣ ସେବି !

Digitized by srujanika@gmail.com

ଏଡ଼େ କଥା କେମା, କନ୍ଦନ କନ୍ଦନ
ହସିବେ ଜନ,
ଧନ ହୀନ ଏକ ପୁଣି କେମାଙ୍କର
ହୃଦୟ-ଧନ !

ବିଦୁଷୀ ତ ତମେ, କଣ୍ଟଳ ବନ୍ଧୁତ
କରିବ କ୍ଷମା,
ମିନତି, ଏ ଶିରେ ଅଯଥା ଅଦର
ନ ଢାଳ ଜମା !

ତା ୨୪ । ୩ । ୧୯୨୭

—୧୦—

ଏ ଯାଏଁ ଯେ ନ ଫେରିଲ ଦୂତ !
ଗତ ସନ୍ଧ୍ୟା ଥିଲି ଲେଖି
ଗଲଣି ଦିନେ ଅପେକ୍ଷି
ଚାହିଁ ପଥ ଅବିରତ
ବିରକତ ମୁଁ ତ !

ନାହାନ୍ତି କ ପାଇ ରୂପ-ରାଣୀ !
ଅବିଶ୍ୱାସୀ ହୋଇ ଭଷା
ଦୂତ, ଆନେ ଦେଲି—ଅଶା—
ଶିରେ ମୋର, ତେବେ ଢୋର
କ ବିପଦ ଜାଣି ?

Digitized by srujanika@gmail.com

ଅବା, ଜେମା କଲେ ଅଭିମାନ ।
ଗଜ-ମାନ ହାନି ଭଲ
କହ୍ନୁ କି ଲେଖିଛନ୍ତି ଛଳ ?
ନାଁ ରେ !—ଅବା ନାଗ-ଗଣ
ନ ଦେବନ୍ ଯାଚନା ଛାର
ନେଲେ ଅପମାନ !
ହୋଇପାରେ ଅତି କି କାରଣ ?
ହେ ଈଶ୍ୱର କହଁ ମତେ
ଚଳାଅ ଏ ନୂଆ ପଥେ ।
ଶୁଭକରେ   ବିପଦରେ
କର ହେ ବାରଣ !

ମିଥ୍ୟା ! ମିଥ୍ୟା ! ଆଶଙ୍କା ମୋହର,
ନାହିଁ ଜମା ଏଥି ପାପ,
ବିଧାତାର ଅଭିଶାପ
ଏ ଜୀବନେ   କି କାରଣେ
ପଡ଼ିବ ?—ଏ ସମ୍ବନ୍ଧ ତ,
ପୁଣ୍ୟ ପ୍ରଣୟର !

ତେବେ, ତେବେ, ବିଳମ୍ବ କିପାଇଁ ?
କୃଷ୍ଣ ଜେମା ? ଓଃ, କିଜାଣି !
କି ବିପଦ ଦେଲେ ଆଣି !
× × ×

ଆରେ, ଆରେ   ପଥ ଧାରେ
ଏ କିଏ ସେ ?—ସତେ, ସତେ
ଦୂତ ଆସେ ଧାଇଁ !

ତା ୨୫ । [illegible] । ୧୯୨୨

—୧୧—

ପ୍ରଣାମ ଚରଣେ ତବ, କବିବର, ଏଇ ଶେଷ ଥର,
ଦୌତ୍ୟ ମୋର ଏଇତକ,—ଫଳ ଏଇ ପତ୍ରବନ୍ଧନର !
କି ଅନ୍ୟାୟ ! ମୁଁ ପୁଣି ହେ କାମେ ମୋର କରିଅଛି ହେଳା,
ତାଙ୍କ କଥା ଭଲରୂପେ ନ କହି ମୁଁ କରିଛି ବଖେଡ଼ା !
କେତେ ଯେ ତାଡ଼ନା ସତେ !—ଆଜି ଯାଏ ନ ଥିଲି ମୁଁ ଶୁଣି,
ବୋଲନ୍ତି ସେ—"ଦୂତ ତମେ ମୋହ ପାଶେ ଅବିଶ୍ୱାସୀ ପୁଣି !
"ମୋ କାମରେ ଅବହେଳା କର ତମେ,—ଏତେ ଶିଥିଳତା !
ବାବଦୂକ,—ଏତେବେଳେ ନ ଆସୁଛି ମୁଖେ ଦୁଇ କଥା !
ତା ନ ହେଲେ ସେ କପାଇଁ କରୁଥାନ୍ତେ ଏତେ ଅନପେକ୍ଷା !
ମଣନ୍ତେ କପାଇଁ ନିଜେ ଏତେ ନୀଚ, ହୀନ ମୋ ଅପେକ୍ଷା !
ବୁଝିଅଛି ମୁହିଁ ତାଙ୍କୁ ଭଲକରି—ବଡ଼ିଛି ହୃଦୟ,
ଅଗାଧ, ପ୍ରଶାନ୍ତ ସେ ତ—ନିରବଧି ଅମୃତ-ଆଶୟ !
ତମେ ଦୂତ କହିନାହଁ ଭଲକରି ମୋ ମନ-ଯାଚନା,
ବକ୍ଷେ ମୋର ତାଙ୍କ ପାଇଁ କିବା ପୂଜା !—କରିଛ ଛଳନା !"
ଏଇପରି ପୁଣି ପୁଣି—କେତେ କିବ କହିବି ସେମାନ,
ବାରମ୍ବାର ବୋଲୁଛନ୍ତି—"କହିବ ତ ଦେଇ ମୋର ପ୍ରାଣ ।

Digitized by srujanika@gmail.com

ନିଜକୁ କେବେ ସେ ମାତ ନ ମଣିବେ ମୋ ପଦସାଠାରୁ
ତାଙ୍କ ସଖ୍ୟ-ଶ୍ରଦ୍ଧା ଆମ ବନ୍ଧୁ ଭାଗ୍ୟ,—ସେ ଚରଣ ଧୂଳୁ
ପାଉଲେ ପୋଛନ୍ତି ମୁଁ କେବେ ନେତ୍ରଜଳେ, ହେବ ଭାଗ୍ୟବାନ୍
ମୋର ଦାସ ହେବା ପାଇଁ କପାଁ ତାଙ୍କ ବକ୍ଷ ଅଛି ମତ ?"
ଭ୍ରମର ସେ ଏବ କବ, ବକ୍ଷେ ଗୁପି ଧରିଛନ୍ତି ସଦା
କରୁଛନ୍ତି ଅଶ୍ରୁସିକ୍ତ, ଚୁମ୍ବୁଛନ୍ତି କେବେ ବା ପ୍ରମଦା !
ଏ ଚଠି ଦେଲେକ ପ୍ରଶ୍ନୀ, ତନ-ଗୃହ-ଥର-ଚର-ଲେଖା
କହୁଛନ୍ତି,—ଇନ୍ଦିରାକୁ କରିଛନ୍ତି ନିରନ୍ତ ଅପେକ୍ଷା ।
ଆସୁଥାଏ—ଶୁଣୁଥାନ୍ତି, ପଥେ ମୋର ବକ୍ଷେ ବାରି ଭରି,
କି ମାୟା ଫାଙ୍ଗିଲ କବ ! ପାଗଳିମୀ ସେ ଯେ ସ୍ୱେଚ୍ଛାଚାରୀ ।

ତା ୨୫ । ୩ । ୧୯୨୬

—୧୨—

"ପୁଷ୍ପମାଳା ସହ କବ,
ପଠାଇଛି ସମଗ୍ର ହୃଦୟ,
ବକ୍ଷେ ତବ ଦେଉ ସ୍ଥାନ,
ଏଇ ଅନୁରୋଧ ହୃଦୀଶକୁ ।
ତବ ସଖ୍ୟ ମାତ୍ର ଗୃହେ
ଆଜ ମୁଁ ଯେ ଏ ତନ ଭୁବନେ,
କବ ସିନା ପାରେ ବୁଝି
ସ୍ନେହ-କ୍ଷୁଧା ତରୁଣ ଜୀବନେ ॥

Digitized by srujanika@gmail.com

କି ଭାଷାରେ ଜଣାଇବି
କି ବେଦନା, କି ସ୍ପନ୍ଦନ ବାଜେ
ତମ ଲାଗି ଏ ବକ୍ଷରେ,
ନାସ୍ତି ତାହା କି କହିବି ଲାଜେ ?
ଦିନମାନ ତମ ଛବି
ଆଖି ଆଗେ ଯାଉଅଛି ଭାସି
ଖୋଲ ଢଢ଼ ଏ ମରମେ
ବାଜି ରହେ ତବ କଥାଗୁଣି ।
ଶୁଏ ଅବା, ପଢ଼େ ଅବା,
ବ୍ୟସ୍ତ ଅବା ଥାଏ ଆନ କାମେ,
ତମ ମୁଖ ଦିଶିଯାଏ,
ତମ କଥା ଶୁଭେ କାନେ କାନେ ।
ବସିବାର, ଚାଲିବାର,
କହିବାର ଯେତେ ତବ ଛବି,
ଗୋଟି ଗୋଟି ପ୍ରତିଫଳି—
ଯାଏ ମନେ ସ୍ପଷ୍ଟ ହୋଇ, କବି ।
ସେହିମାନ ଭାବି ଭାବି
ନିଶୀଥରେ ନିଦ୍ରା ନାହିଁ ମୋର,
ଦିନଯାକ ଆଖି ଭରି
ବହେ ଅଶ୍ରୁ, ଦେଇ ବକ୍ଷେ ଦୋଳ ।
ପ୍ରଥମ ଜୀବନ ମୋର,
ଏ ଯେ ମୋର ଆଦ୍ୟ ଆକର୍ଷଣ,
ଜାଣିଛ ନ ଥିଲି କବି,
ପ୍ରୀତି ହୁଏ ଏତେ କଦର୍ଥନ ।

Digitized by srujanika@gmail.com

ଅଗ୍ନି ନାହିଁ, ଚେତବ ମଧ୍ୟ,
ଦେହ ମନ ପୋଡ଼ିଯାଏ ଜଳି,
ବକ୍ଷେ ବାଜେ ଗୁରୁ ବ୍ୟଥା
ଥରେ ଥରେ ଶେଳ ଘାତ ପରି ।
ଏ ନବ ବିକ୍ଷୋଭ କବି,
ନାହିଁ ପାରେ ବେଳେ ବେଳେ ସହି
ଏ ଆମନ୍ତ୍ର,—ସଖ୍ୟ, ପ୍ରୀତି
ଦେଇ କବି ନେଇଯାଅ ବହି ।
ନିଜକୁ କିପାଇଁ ଏତେ
ସାନ ବୋଲି ମଣ ଗୁଣଧର,
ସେ କଥା ଭାବିଲେ ଚକ୍ଷୁ
ଦୁଏ ମୋର ଅଶ୍ରୁ ଝରଝର ।
ବିଶାଳ ଜଗତେ କବି,
ତୁମକୁ କେ ନ ଦିଅନ୍ତି ପ୍ରୀତି
କୋଟି କୋଟି ଲୋକ ମଧ୍ୟେ
ଜଣେ ହେଲେ ନ ଗାଉ ହେ ଗୀତ,!
ମୋର ଏ ଅନ୍ତରେ କିନ୍ତୁ
ତୁମେ କବି, ରାଜରାଜେଶ୍ୱର
ତମେ ମୋର ଶ୍ରେଷ୍ଠ ଧନ
ସୁଖ, ଦୁଃଖ, ଦେବତା, ଈଶ୍ୱର ।
ଏ ତରୁଣ ବକ୍ଷେ ମମ
ପାତିଅଛି ତୁମ ସିଂହାସନ,
ଚକ୍ରବର୍ତ୍ତୀ ହୁଅ ତବ,
ଶୁଣ ମୋର ଗୂଢ଼ ନିବେଦନ ।

Digitized by srujanika@gmail.com

ତୁମଠାରୁ କେଉଁ ଗୁଣେ,
କହ ମୁହିଁ ବଡ଼ ହେ ଦେବତା,
ରାଜକୁଳ, ଧନ, ମାନ,—
ହାୟ, ସେ' ତ ଦୁଇଦିନ କଥା !
ତୁମର କବିତା କରୁ
ଗୀତ ହେବ ଯୁଗଯୁଗାନ୍ତର
ତୁମ ଲାଗି ହେବ କ୍ଷୁବ୍ଧ
ଲକ୍ଷ ଲକ୍ଷ ଲୋକର ଅନ୍ତର,
ଲକ୍ଷ ଲକ୍ଷ ବର୍ଷ ପରେ ।
ଏହାଠାରୁ ବଳି କି ସମ୍ମାନ
ପାଇବେ କି ରାଜା, ଧର୍ମୀ,
କେଉଁ ମାନୀ ତୁମର ସମାନ ?
ନିଅ ମତେ ସୁନବାଡ଼େ,
ତବ ପ୍ରାଣେ ଦିଅ ହେ ମିଶାଇ,
ତୁମ ମୋହ ମଧ୍ୟେ ଯେତେ
ଭେଦାଭେଦ ଦିଅ ହେ ଲିଭାଇ ।
ତୁମର ଚରଣ ତଳେ
ଆଶ୍ରା ଯଦି ଲଭେ କେଉଁ ଦିନ
କୃତାର୍ଥ ବୋଲିବି ନିଜେ
ରାଜକୁଳେ ଜନମ ଲଭିଣ ।
ଯେଉଁ ଦିନୁ ତମ ପରେ
ପଡ଼ିଛି ଏ ଦୃଷ୍ଟି ନୟନର
ସେହି ଦିନୁ ଫେରାଇଲି,
ଇଚ୍ଛାକରି ଗତି ଜୀବନର

Digitized by srujanika@gmail.com

ପ୍ରଥମ ସାକ୍ଷାତେ ମୁଁ ଯେ
  ହେଲି ମୁଗ୍ଧ ରୂପର ଗୌରବେ,
ଆଜି କିନ୍ତୁ ଆକୁଳିତ
  ହିୟା ତବ ସୁଯଶ ସୌରଭେ ।
ସେ ଦିନ ଥିଲ ହେ ତୁମେ
  କଳପିତ ପ୍ରଣୟୀ ଜେମାର,
ଆଜି ତମେ ଗୁରୁ ମୋର,
  ଦାତା ମୋର ସିଦ୍ଧି ସାଧନାର ।
ତୁମେ ମୋ ଦେବତା ଆଜି,
  ମୁଁ ଯେ ତବ ଧନା ପୂଜାରିଣୀ,
ଅର୍ଘ୍ୟ ମୋର ନେଇ କବି,
  ପୂତ ହେଉ ଏ ହତଭାଗିନୀ ।
ଜାତି କୁଳେ କିବା ଅଛି ?
  ସମସ୍ତଙ୍କ ହୃଦୟ ସମାନ
ସୁଖ ଦୁଃଖ ଅନୁଭୂତି,
  ପ୍ରେମ, ପ୍ରୀତି, ସମ୍ବେଗ,—ଏମାନ;
ପ୍ରାଣେ ପ୍ରାଣେ ବିଭେଦ କି
  ଅଛି, କବି, ଏ ଧରଣୀ ପରେ ?
ତେବେ ଆଜି କି ପ୍ରଭେଦ
  ରାଜଜେମା-କବିଙ୍କ ଭିତରେ ?
ବିଦ୍ୱାନ ତୁମେ ତ କବି
  ଶିଖାଇବ କିସ ଏ ଅବଳା
ମୋ ଯାଚନା ସେନା ହେଉ,
  ଆକର୍ଷଣ ହେଉ ମୋ ସଫଳା ।

Digitized by srujanika@gmail.com

ଆଜିଠାରୁ ଭାଙ୍ଗିଦିଅ
ରାଜ ଜେମା-କବିର ପ୍ରଭେଦ,
ପ୍ରଣୟ ହିଁ ହେବ ଆମ
ଏକୀଭୂତ ଜୀବନର ବେଦ ।
ଆଜିଠାରୁ ନୁହେଁ ମୁହିଁ
'ପୂଜ୍ୟମାନ୍ୟା', 'ଶ୍ରୀମତୀ' ବା 'ଦେବୀ'
କହ ଖାଲି 'ସଖୀ' ବୋଲି,
ସେଇ ବର ଶିରେ ବାନ୍ଧିନେବି ।
ତୁମେ ମଧ୍ୟ ଆଜିଠାରୁ
ନୁହ ଆଉ 'କବି', 'କବିବର'
ତୁମେ ମୋ' ପରମଧନ,
'ସବୁ' ଏଇ କ୍ଷୁଦ୍ର ଜୀବନର ।
ବହୁଦୂର ଗଲି ବନ୍ଧୁ,—
କ୍ଷମାକର କ୍ଷମାକର ମତେ,
ଶ୍ରୀହସ୍ତର ଭିକ୍ଷା ପାଇଁ
ଚାହିଁ ମୁଁ ଯେ ରହିଛି ନିରତେ ।

୨୭ । ୩।୧୯୨୭

—୧୩—

"ତୁମେ   କାହିଁକି ମୋ ଆଗେ ରହି ପ୍ରେୟସୀ,
ହୃଦୁ   ଏତେ କଥା ଖୋଲିଦିଅ ହରଷି ।
ପ୍ରାଣ   ଢାଳିଦିଅ ମୋ ଚରଣ ତଳରେ
ଅନୁ—   ରାଗ ଗୋ ଦେଖାଅ ଏତେ ଛଳରେ ।

Digitized by srujanika@gmail.com

ମମ   ପଦ ଧରି କହ "ମତେ ନ ତେଜ,
ତବ   ଚଳନ ପଥରେ ହେଉ ମୋ ଶେଯ,
ଚଦ—   ଧୂଳି ସହ ପାଉଥିବ ପରଶ
ପଦ—   ଆଘାତରେ ଲଭୁଥିବ ହରଷ ।"
ଜାଣି   କିଶୋରି, ମୁଁ ଅତି ହୀନୁ ହୀନ ଗୋ
ପଡ଼ି—   ରୂପ ମୋ କ୍ଷୀଣରୁ ଅତି କ୍ଷୀଣ ଗୋ,
କିଛି   ଗଉରବ ନାହିଁ ମୋର ଭୁବନେ
କିଛି   ସଉରଭ ନାହିଁ ମୋର ଜୀବନେ,
ମାଥେ   ରଜପୁ-ମୁକୁଟ ନାହିଁ ଜଳେ ଗୋ
ସାଥେ   ବୈଜୟ-କେତନ ନାହିଁ ଚଳେ ଗୋ,
ତୁମେ   କାହିଁକି ମୋ ପାଶେ ଆସ ପ୍ରେୟସି,
କହୁ   ଏତେ କଥା ଦନ୍ତ ଖୋଲି ଉରସି ?
ଭ୍ରମ   ବୁଝିନଅ ବୁଝିନଅ ପ୍ରେୟସୀ
କହୁ   ଏତେ କଥା ନ କହ ଗୋ ଉରସି ।
ନାହିଁ   ଜାଣିଛ କଠିନ ଏଇ ଧରାରେ
ଧରା—   ଜୀବନ ନିଠୁର ହୃଦ-ଜ୍ୱାଳାରେ
ତମେ   ବିକଚ ଅମଳ ରାଜ-ସୁମନ
ଝାଟ   ହୋଇ କି ନାଶିବ ତାର ଜୀବନ ?
ତମ   ଚାଲିଁକ ନୁହେ ଏ ପଙ୍କ ପଥ ଗୋ
ବଡ଼   ଦାଣ୍ଡେ ଯେବଅ ତମ ରଥ ଗୋ ।

ତା ୨୭ । ୩ । ୧୯୨୭

Digitized by srujanika@gmail.com

—୧୪—

ପଥ ଦେଇ କବି ବସି ଭାବେ—
"ପ୍ରେମ କରେ କି ନବୀନ ଭାବେ,
ଏ ବାଳିକା,—ନିତାନ୍ତ କିଶୋରୀ,
ନ ଛୁଇଁଛି ଚପଳତା ତୋରି ।
ପ୍ରଭାତରେ ସେଇ ଥରେ ଦେଖା
ଚିତେ ତାର ବିଜୁଳିର ରେଖା ।
ତେବେ କେଁ ତା ଲାଗିଛି ନୟନେ
ଭାସିଯାଏ ସେ ରୂପ ଏ ମନେ ।
ପ୍ରାଣେ ଜାଗେ ତୃଷ୍ଣର ପିପାସା,
ମିଶିବାକୁ, ଦେଖିବାକୁ ଆଶା,
ଶରଦନ ପାଖେ ପାଖେ ବସି
ହୃଦେ ହୃଦେ ପ୍ରଣୟ ବରଷି,
ଯାପିବାକୁ ବସି ନିଶି ଦିନ
ମୁଖେ ମୁଖେ କରି ନିରୀକ୍ଷଣ,
ପଡ଼ି ପଡ଼ି ନୟନେ ନୟନେ,
ପ୍ରାଣକଥା ! ଶୟନେ ସପନେ
ପରସ୍ପରେ ଦେଇ ପ୍ରେମପ୍ରୀତି
କାଟୁଥାନ୍ତି କାଳ ଗାଇ ଗୀତି !
ସରଳା ସେ, ହାୟ ନ ଭାବୁଛି
ସେ ଯେ କ୍ଷଣେ, କି ବିପଦ ଅଛି
ଏ ନୂତନ ପ୍ରଣୟର ପଥେ !
ଅଭିଶାପ ଦେଉଥିବ ମତେ,

Digitized by srujanika@gmail.com

କହୁଥିବ ଅବା ମୁଁ ଦାରୁଣ
ସ୍ନେହହୀନ, ରୁକ୍ଷ, ଅକରୁଣ,
କରେ ଯାଁ ତା' ଈପ୍ସାରେ ବାରଣ,
ଅଗ୍ର ଦେଖି ଭପ୍ପୁର କାରଣ ।
ଦେଇ ହୃଦୁଁ ପ୍ରଶ୍ରୟର ଧାର
ଢାଳି ଦେଇ ଯାହା କହୁ ତାର
କପାଇଁ ସେ ସରଳା କଶୋସ୍ୱ
ଯାତନାରେ ହେବ ଏତେ ଘୋର !
ଅପରାଧ କରିଛୁ ମୁଁ ସତେ
ଅନପେକ୍ଷା ଦେଇ ପଦଗତେ,
ସତେ କେତେ ଅପକର୍ମ କଲି
ସୁକୁମାର ଫୁଲେ ଦେଲି ଦଳି
ରୁକ୍ଷ ନଖେ ।

ନା, ନା, ଏଇଥର
ଖୋଲି ଦେବି ଏ ମନ ଅନ୍ତର ।
ଯେ ବିପଦ ଆସୁ, ଯାହା ଆସେ,
ଜେମାରେ ମୁଁ ନେବି ବକ୍ଷ ପାଶେ ।

ତା ୨୭ । ୩ । ୧୯୭୬

Digitized by srujanika@gmail.com

—୧୪—

"ବେଶୀ ମୁଁ କହିବ କସ ଜୀବ-ଜୀବନ"
—କହେ ଜେମା ତା ଉତ୍ତରେ— "ସବୁ ଦେଲ ପଦତଳେ
ବଗୁର କର ହେ ଯାହା ହସେ ଶୋଭନ ।

"ଅପବାଦ ଭୟ ମନେ ଦେଖାଅ ସଖା,
ତୁମର ଚରଣ ତଳେ ସ୍ଥାନ ଯଦି ପାଏ କାଳେ
କୋଟି ଅପବାଦ ଆଣି ପାରେ କ ଦକା ?

"ତୁମର ପ୍ରଣୟ ପାଇଁ ଦେଲ ଜୀବନ
ନଥିବା ନ ନଥ ମନେ ବଞ୍ଚିଥିବ ଏ ଜଗତେ
ତୁମ ଛଡ଼ କର ସଖା, ଅବଲମ୍ବନ ।"

ତା ୨୮ । ୩ । ୧୯୨୭

—୧୭—

ଦୈନ୍ୟେ ଦହନା ହୃଦୟ କଶୋର,
ଆଜ ଗୋ ମୋହର ପାଇଁ,
ଅର୍ଘ୍ୟ ତୁମର ଅତି ମହାର୍ଘ,
ଭାଗ୍ୟବାନ ମୁଁ ପାଇ ।
ଅଞ୍ଜଳି ପାତି ନେଲ ସୁନ୍ଦର,
ତୁମର ପ୍ରଣୟ-ଅନ୍ନ
ଭୁଞ୍ଜିବ ବସି ଚମ ଜଗତେ
ପରମାମୋଦମଗ୍ନ ।

Digitized by srujanika@gmail.com

ମାଧବ ଜ୍ୟୋତ୍ସ୍ନା ତଳ ହସି ହସି
ଆସ ଗୋ ମୋହର କୁଞ୍ଜେ
ବିକଶ ମୋ ପୁରେ, ବିକଶେ ଯେସନେ
ଶଶୀ ନକ୍ଷତ୍ର-ପୁଞ୍ଜେ ।
ଆସ ପ୍ରେମଶୀଳେ; ମୁଞ୍ଚ ଲୋତକ
ପାଶୋର ଦୈନ୍ୟ ଦୁଃଖ,
ସକଳ ବିପଦେ ସୁଖ ହେବ ମୋର
ନିରେଖି ତୁମର ମୁଖ ।

ତା ୨୮ । ୩ । ୧୯୨୭

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କଦ୍ୱାରା ମୁଦ୍ରିତ—୧୯୬୦